# ପିଲାଙ୍କ କଥା

## (କୁଇ)

## ଦ୍ୱିତୀୟ ଭାଗ



# ପିଲାଙ୍କ କଥା (କୁଇ)

## ଦ୍ୱିତୀୟ ଭାଗ

**ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଆଧାରରେ ପିଲା ଓ ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା**

ନିର୍ଦ୍ଦେଶକ
**ପ୍ରଫେସର ଅଖିଳ ବିହାରୀ ଓତା**

ପ୍ରସ୍ତୁତି
**କୁଇ ସଂସାଧକ ମଣ୍ଡଳୀ**
**ଶ୍ରୀ ସୁଶୀଳ କୁମାର ଦିଗାଲ**
**ଶ୍ରୀ ରଞ୍ଜିତ କୁମାର ପ୍ରଧାନ**

ସଂଯୋଜନା
**ଡ଼ଃ ପରମାନନ୍ଦ ପଟେଲ**

ଅଲଙ୍କରଣ
**ପ୍ରିୟରଞ୍ଜନ ବରାଳ**

ପ୍ରକାଶକ
**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

Director :
**Prof. (Dr.) A.B. Ota**

Prepared by :
**Kui Resource Group**
**Sri Susil Kumar Digal**
**Sri Ranjita Kumar Pradhan**

Co-ordinator :
**Dr. Paramananda Patel**

Illustration :
**Priyaranjan Baral**

Published by :
**Academy of Tribal Languages & Culture**
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସମ୍ପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକ ଅନେକ ଉପଭାଷା; ବୋଲି ତିଆରି କରି ଦେଇଛି । ତେଣୁ ଏହା ବିଚାରକୁ ନେଲେ ଅନେକ ଭାଷା-ଉପଭାଷାର ସମାହାର ଏକ ବୈଚିତ୍ର ପରିବେଶ ସୃଷ୍ଟି କରେ ।

ଦ୍ୱିତୀୟତଃ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚାଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଅଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀରୁ ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆରେକ ବୁଝିବାରେ ଅକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ୍ୟ ରାଜ୍ୟ ବ୍ୟବସ୍ଥା ସହ ଜଡ଼ିତ, ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ କ୍ଷେତ୍ର ପ୍ରସ୍ତୁତ ହୁଏ; ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।

ଏହି ଦକ୍ଷତା ସାଧନକୁ ପୂର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ, ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପର୍ଯ୍ୟାୟ କ୍ରମେ ତାଲିମ୍ ପ୍ରଦାନ କରାଯାଉଛି । ଦ୍ୱିତୀୟତଃ, ପ୍ରଥମ, ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବା ପାଇଁ ତାଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ରଭିତ୍ତିକ କାହାଣୀ, ଗୀତ-ପହଳିର ଅତିରିକ୍ତ ପୁସ୍ତିକା ପ୍ରସ୍ତୁତ କରାଯାଉଛି ।

ଏହା ପିଲାମାନଙ୍କୁ କେବଳ ଯେ ଆନନ୍ଦ ଦେବ ତା ନୁହେଁ, ତାଙ୍କ ସଂସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ପ୍ରଭାବିତ କରୁଛି ତା ଉପରେ ଧାରଣା ଦେବ ।

ପ୍ରସ୍ତୁତ କୁଇ ଭାଷାର ଦ୍ୱିତୀୟ ଭାଗରେ ସନ୍ନିବିଷ୍ଟ କାହାଣୀ ଗୁଡ଼ିକର ସ୍ଥାନୀୟ ସାଂସ୍କୃତିକ ଉପାଦାନକୁ ପ୍ରାଧାନ୍ୟ ଦିଆଯାଇଛି । ଏକ ବୃହତ୍ତର ଜନ ସମୁଦାୟର ସଂସ୍କୃତି କିପରି ପରସ୍ପରକୁ ପୁଷ୍ଟ କରିଛି ଓ ନିଜର କରିଛି ତାର ଏକ ଝଲକ ଏହି ପୁସ୍ତିକାରୁ ମିଳିପାରିବ ।

**ଅଖିଳ ବିହାରୀ ଓତା**

# ଜେଡାନବା ମିଡାତାରି କେରଣ୍ଡି (ଉପକାର ସୁଝିବା କଥା)

ର କଙ୍ଗେରି ନାଜୁ ତାନି ଡାଣ୍ଡିନେ ତାଡା ମିରେଞ୍ଜୁ ରାହି ଆଇମାସୁ ଏଆନି ମିଣ୍ଡା ପାଦା ଚେମା । ଚେମା ରଆଞ୍ଜୁ ନୁସୁ ନୁସୁ ତାଞ୍ଜୁ । ମିଡ଼ା କଗାଞ୍ଜୁ ଆଜା ସାନିଟା ଗସା ଡାଇ ବେସ୍କା ତାସା ନାଇ ପ୍ରାସାନା ମିଡାଇ ପହି ଗିପି ମାସେ । ଚେମା ଡହନା ଜଡି ତାଙ୍ଗି ସାଜାନା କାଣ୍ଟାଡାଇ ମିନିଙ୍ଗା ଆପାଇ ମାସେଜୁ । ଇଆ ଡେହେଙ୍ଗି ସୁକୁ ଦୁଃଖୁ ଡାଇ ପଇ ଆଇ ମାସୁ । ରନିସି ଚେମାନ କାଟା ତାନି ରଣ୍ଡେ କଗାରି ମିନୁ ସେହେତେ । ଏହା ମେନୁ ମେଃପା ତାଙ୍ଗି ଗାସେ ସାଜା ମାସାରି । ଚେମାନ ଏସେ ବେଲାମିନୁ ମ୍ରେସା ତାଙ୍ଗି ସାଗି ମାସେଞ୍ଜୁ ଏରେମ୍ଭା ମିନୁ ମ୍ଭେହେନି ଗିରା ଡାଇ ବେସ୍ତେ ଯେ ନାଙ୍ଗି ମ୍ରେସା କୁନା ଆଜୁ ଦେରାନୁ ଆଡେ କା ଆନୁ ନୁଡେ ହେତାଇ । ଏସେରିବୋଲି ।



ଗୋଟିଏ ଛୋଟ ଗାଁରେ ମାଁ ଓ ପୁଅ ବାସ କରୁଥିଲେ । ସେ ପିଲାର ନାମ ଚେମା । ଚେମା ସରଳ ପ୍ରକୃତିର ପୁଅ, ପୁଅଟି ଛୋଟ ହୋଇଥିଲା । ମାଁ ଜଙ୍ଗଲରୁ କାଠ ଆଣି ବିକ୍ରି କରି ପୁଅକୁ ପୋଷେ ।  ଚେମା ପ୍ରତିଦିନ ଯାଇ ନଦୀରେ ବନିସି ଦ୍ୱାରା ମାଛ ମାରେ । ଏହିପରି ଦୁହେଁ ସୁଖେ ଦୁଃଖେ ଚଳିଯାନ୍ତି । ଗୋଟିଏ ଦିନ ଚେମା ବନିସିରେ ଗୋଟିଏ ଚୋଟ ମାଛ ଲାଗିଲା ସେହି ମାଛ ଦେଖିବାକୁ ସୁନ୍ଦର ଦିଶୁଥିଲା । ଚେମା ମାଛକୁ ମାରିବାକୁ ଯାଉଥିଲା । ଏହି ସମୟରେ ମାଛ ମଣିଷ ସ୍ୱରରେ କହିଲା ଯେ ମୋତ ମାରନା । ମୁଁ ବଡ ହେଲେ ତୁମର ଉପକାର କରିବି । ଯେତେବେଳେ ତୋତେ ଦରକାର ହେବ ସେତେବେଳେ ଏହିଠାରେ ହେ ଚିରୁଟି ବୋଲି ଡାକିବୁ ।

**ଲୁଡା ଆନେ ଇସିକା ଇନୁ ଇମ୍ବାଙ୍ଗି ବାଜାନା ଏ ଗିରୁଟି ଚିରୁଟି ଇଞ୍ଜାନା ଆର୍ତେଦି । ଆତେକା ଆନୁବାଇ । ଏ ବେଆଟି ଚେମା ଏ ମିନୁତିନି ଜଡି ତାନି ଫିତେଞ୍ଜୁ । ମିନି ଚେହାତାଇ ମାସେ । ଅଟେ ରିନିସି ଚେମା ଗସାତାଙ୍ଗି ସାଜି ମାସେ । ଏ ଡେଲି ତାନି ଲକୁ ତାକା ର କୁଲିଆ ତିନି ବେପି ସାରା ମେତେଞ୍ଜୁ । ଚେମା ଏଲୁ ତାନି ଜେଡା ବାତେ । ଏ ଆଞ୍ଜୁ ଲକୁରି ବେସାନାକୁ କୁଲିଆତିନି ବେପା କୁବା ଗିତେଞ୍ଜୁ । କୁଲିଆ ଏଆନି ବେସ୍ତେ ଯୋନାଇ ପାଦା ସମ୍ମାରୀ ନିଙ୍ଗେ ଏସେରି ବେଲା ଲୁଡା ଅଅନେ ଏମ୍ବା ନାଙ୍ଗେ ଆର୍ତ୍ତାମୁ । ଇନୁ ଏସେରି ବେଲା ନାଙ୍ଗେ ଜିଉ ଇଟା ଜିଡି ଇସେକା ଆନୁ ନ୍ୱତେ ବ୍ହେପାଇ ।**



ମୁଁ ଆସିବି । ଏହା ପରେ ଚେମା ସେହି ମାଛକୁ ନଦୀରେ ଛାଡିଦେଲା । ମାଛଟି ଆନନ୍ଦରେ ପଳାଇଲା ।ଆଉ ଗୋଟିଏ ଦିନ ଚେମା ଜଙ୍ଗଲକୁ ଯାଉଥିଲା । ଗୋଟିଏ ବିଲୁଆକୁ ଲୋକେ ବାଡାଉଥିବାର ଦେଖିଲା । ଚେମା ମନରେ ଦୟା ଆସିଲା ଓ ସେ ଲୋକମାନଙ୍କୁ ବୁଝାଇ ମନାକଲା ଓ ବିଲୁଆକୁ ବଞ୍ଚାଇଲା । ବିଲୁଆ କହିଲା ମୋ ନାମ ସମାରି । ଯେତେବେଳେ ଦରକାର ପଡିବ ମୋତେ ଡାକିବୁ । ତୁ ଯେତେବେଳେ ମୋ ଜୀବନ ରକ୍ଷା କରିଛୁ ତାହା ମୁଁ ତୋତେ ସୁଝିବି । ଏହପରେ ଚେମା ବଡ ହେଲା । ସେ ରାଜ୍ୟରେ ଜଣେ ରାଜ କୁମାରୀ ଥିଲା । ତାହାର ନାମ ଜେମା । ତାହା ପାଖରେ ଏପରି ଦର୍ପଣଟିଏ ଥିଲା ଯେ ସେ ତ୍ରିପୁରରେ ଯେଉଁଠି ଥିଲେ ବି ଦିଶୁଥିଲା ।

ଏ ବେହଟି ଚେମା ଦେରାଞ୍ଜୁ ଆତେଞ୍ଜୁ । ଏ ଦେଶା ତାନି ରଣ୍ଡେ ରାଜେନି ମାର ମାସୋ ଆଡିନି ପାଦା ଜେମା । ଏଆଡିନି ବାତା ରଣ୍ଡେ ଇହିଙ୍ଗି ତାରି ଡିଟି ସାସେ ଯେ ତିନି ପୁର ତାନି ଏପ୍ତେବେ ସାଜି ତାକା ଏରି ମେପିଃ ମାସେ । ଏରି ଏ ଦେଶା ତାନି ପକ୍ତେ ଯେ ଆନୁ ଇଡିଟି ଡାଇ ମେହା ତାକା । ଏ ଆନି ଡ୍ରାଞ୍ଜି । ଏମ୍ବାଇ ଆଇଞ୍ଜାନା ଡିଟି ତାନିତମା ଅଞ୍ଜା ନେଏଇନିତାରା ଡ୍ଲାଉ କ୍ରାପା ଆନେ । ଇ କାତା ତାନି ଆଇଞ୍ଜା ନା ଗାମେ ରାଜେନି ମ୍ରିକା ବାଜାନା ରାଜାଲିନି ପୁଣ୍ଡା ନଆତେରୁ ଅଟେବେ ଡିଟି ତାନି ପୁଣ୍ଡା ଆତେରୁ । ଏଆରି ଡ୍ଲାକା କାପା ଇଆ କାତା ଡେମା ବେଞ୍ଜାନାଇ ରାଜାଲିନି ତାନୁ ମାର୍ଗିସେହୁ ବେସ୍ତୋଞ୍ଜୁ । ରାଜାଲି ଆଁ ଇସେ । ଚେମା ରିନିସି ଡେଲି ଯାତେଞ୍ଜୁ ।



ସେ ରାଜ୍ୟରେ ପ୍ରଚାର କଲା ଯେ ଯାହାକୁ ଏହି ଦର୍ପଣରେ ଦେଖିବି ନାହିଁ ତାହାକୁ ମୁଁ ବାହାହେବି । ଯିଏ ଯିଏ ଏହି ପ୍ରସ୍ତାବରେ ସମ୍ମତି ହୋଇ ଦର୍ପଣରେ ଦେଖାଯିବେ ତାହାର ମୁଣ୍ଡ କଟାହେବ । ବହୁତ ରାଜକୁମାର ଆସି ରାଜ କୁମାରୀକୁ ପ୍ରସ୍ତାବ ଦେଲେ । ସେମାନେ ଲୁଚିଲେ । କିନ୍ତୁ ରାଜକୁମାରୀର ଦର୍ପଣରେ କେହି ଲୁଚି ପାରିଲେ ନାହିଁ । ସେମାନଙ୍କୁ ରାଜକୁମାରୀ ପ୍ରାଣ ଦଣ୍ଡ ଦେଲା । ଏହା ଚେମା ଶୁଣି ରାଜକୁମାରୀକୁ ନିଜେ ପ୍ରସ୍ତାବ ଦେଲା । ରାଜକୁମାରୀ ରାଜି ହେଲା ।  ଚେମା ଦୁଇ ଦିନ ସମୟ ମାଗିଲା  । ଏହା ପରେ ଚେମା ଯାଇ ନଦୀ କୂଳରେ ପହଞ୍ଚିଲା, ଓ ସେହି ମାଛକୁ ଚିରୁଟି ବୋଲି ଡାକିଲା ଓ ବିରାଟ ମାଛ ଆସି ପହଞ୍ଚିଲା ।

ଏ ବେଅଟି ଟେମା ଗସା ତାଙ୍ଗି ସାଜାନା ଏ ମିନୁ ତିନି ଡିରୁଟି ଡିରୁଟି ଇଞ୍ଜୋନା ଆତେଞ୍ଜୁ । ଏ ଡେଲି ତାନି ରଣ୍ଡେ ଦେରାଡି ମିନୁ ବାତେ ଏଙ୍ଗା ବେଳେ ବେସାସି କାତାଡାଇ ଏପ୍‌ପା ତିଙ୍ଗି ବେସ୍ତେଞ୍ଜୁ । ମିନୁ ଇସେ । ମିନୁ ରିନିସି ବେଅଟି ଟୁଟୁ ଡାନି ଅଡସ୍‌ନା ଇତିତେ । ରିନିସି ବେଅଟି ରାଜାଳି ଡିଟିତାଇ ବେଞ୍ଜି ତମାଇ ଦାଃତେ । ଏମ୍ଭେବେ ଟେମାଇ ପାନାତେ । ଅଟେଥରେ ରେଜମା ମେଃତେଯେ ମିନୁ ଟୁଟୁଲାଇ କାଲି କାଲି ଗିଆନାଇ ଆନାରି ସିକୁ ତ ସିନିମାନେ । ଏରି ଏଲୁଗିତେ ଏମ ଏରି ନାକା ଟେମା ତାରି ତୁଗା । ଏ ବେଅଁ; ଟେମାଇ ଆତେ । ଏଆନି ବେଃସ୍ତେ ଯେ ଇନୁ ମିନୁ ତାନି ମାଗା ମାସି । ନିନ୍ଦା ଡ୍ଲୁଉ କ୍ରାପା ଆଡେ  କେମା ରିହେ ମାର୍ଗା ସେଲୁ ବସ୍ତେଞ୍ଜୁ ।



ଟେମା ମାଛକୁ କହିଲା ତୋର ସର୍ତ୍ତ ଅନୁଯାଇ ମୋତେ ସାହାଯ୍ୟକର  । ମାଛଟି ହଁ କଲା । ମାଛଟି ଟେମାକୁ ଦୁଇ ଦିନ ପେଟ ଭିତରେ ଲୁଚାଇ ରଖିଲା । ରାଜ କୁମାରୀ ଦର୍ପଣ ସବୁ ଆଡେ ଖୋଜିଲା କିନ୍ତୁ କୁଆଡେ  ବି ଟେମାକୁ ପାଇଲା ନାହିଁ । କିନ୍ତୁ ଜେମା ଦେଖିଲା ମାଛ ଭିତରେ ଗୋଟିଏ କଳା ଦାଗ ଦିଶୁଛି । ସେ ଭାବି ଦେଲା  ଯେ ସେ ହିଁ ଟେମା । ତା ପରେ ସେ ଟେମାକୁ ଡାକିଲା ଓ କହିଲା ତୁ ମାଛ ପେଟ ଭିତରେ ଲୁଚିଥିଲୁ । ତେଣୁ ମୁଣ୍ଡ କାଟ କରାହେବ । । ଟେମା ଦ୍ୱିତୀୟ ଥର ଲୁଚିବା ପାଇଁ କହିଲା । ୩ ଦିନ ସମୟ ମାଗିଲା ସେ ସମୟ ଦେଲା । ଏହା ପରେ ଟେମା ସେହି ଜଙ୍ଗଲକୁ ଯାଇ ସେହି ବିଲୁଆକୁ ସମାରି, ସମାରି ବୋଲି ଡାକିଲା । ସେଠାରେ ବିଲୁଆ ପହଞ୍ଚିଲା ।

**ତିନିଦିନା ଡେଲି ଯାତେଞ୍ଜୁ ।ଏଅ ବେଅଟି ଚେମା ଗସା ତାଙ୍ଗି ସାଜାନା ଏ କୁଲିଆ ତିନି ମାମାରି ସମାରି ଇଞ୍ଜୋନା ଆତେଞ୍ଜୁ । କୁଲିଆ ନାଇ ବାନି ଟୁକୁନା ଇମ୍ବା ରାହି ଅଜା ଦୁସୁ ଇଞ୍ଜାନା ବେସାନା ସାସେ । ରାଜାଲିନି ରାହି ଅସି ବାହା ତାଙ୍ଗି ଝୁ କୁନୁ କୁଲିଆ ଗାଡା କାର୍ତେ । ତିନି ଦିନା ବେଅଟି କୁଲିଆ ବାଜାନା ଚେମାଇ ବେସ୍ତେ ମେଇ ଗାରା ତାନି ସଲବା ତିଙ୍ଗି । ରାଜାଲି ତାଡା ଡିଟି ଡାଇ ଦାଃତେ ଆଢେ କାବେ ଏମ୍ବେବେ ମାନାତେ । ଏବେଅଟି ରେଜମା ଚେମାଇ କୁଲିଆ  ଚେମା ରାଜାଲିନି କାଟେ ନେଡେ ଗାରା ଡାଇ ସ୍ତୁହାଃନା ମ୍ରୋ ଆତେଞ୍ଜୁ ଏମ୍ବାଡାର ରେଜାମାନି କାତାଡାର ଚେମାଇ ଡାଞ୍ଜାନା ରାହି ଆତୁ । ଏସି ବାଗା କାତାମାନେ ଯେ ରଆନି ଜେ ଡାଶିଅଅ ସାକା ଅତେଲିତାନି ଆତେ କାବେ ଏଆଞ୍ଜୁ ଜୋଡା ପାନେଞ୍ଜୁ ।**



ତା ପରେ ତାର ଦୁଃଖ ଜଣାଇଲା । ବିଲୁଆ କହିଲା ଯେ ମୁଁ ଆସିବା ପର୍ଯ୍ୟନ୍ତ ସେହିଠାରେ ରହିଥା । ଏହା ପରେ ବିଲୁଆ ଗାତ ଖୋଳିଲା । ଯେଉଁଠାରେ  ରାଜକୁମାରୀ ରହୁଥିଲା । ସେହିଯାଏଁ ଗାତ ଖୋଳିଲା । ତିନିଦିନ ପରେ ବିଲୁଆ ଆସି ଚେମାକୁ କହିଲା ଏହି ଗାତ ଭିତରେ ପଶିବାପାଇଁ । ରାଜମୁମାରୀ ତା ପରେ ଦର୍ପଣରେ ଖୋଜିଲା କିନ୍ତୁ ପାଇଲା ନାହିଁ । ଏହାପରେ ଜେମା ଚେମାକୁ ଡାକିଲା । ଯେମିତି ଚେମା ତାର ଡାକ ଶୁଣିଛି ସେମିତି ଖଟତଳୁ ବାହାରି ଆସିଲା । ଜେମା ତାର ସର୍ତ୍ତ ଅନୁଯାଇ ଚେମାକୁ ବାହାହେଲା ଓ ଜୀବନଯାପନ କଲା । କଥାରେ ଅଛି ଜଣକୁ ଉପକାର କରିଥିଲେ ଅସମୟରେ ସେ ତାର ଉପକାର ପାଇବ ।

# କା ହେତାରି ଡାଞ୍ଜା କାଣ୍ଡା (ପୂର୍ବ କାଳର ବାହାଘର)

**ପୂର୍ବାବୁଡିନି ବେନ୍ଦ୍ରା ଆତେକା ବେଲେନେ ଜାନୁତାନାନି ଦିଗୁଲେଏନି ପାଣ୍ଡିତେରୁ ଏଆଞ୍ଜୁ ପାଣ୍ଡାମାସି ଲକୁତାଆ କାତା ବୁଡିନି ତାଞ୍ଜିରିକେ କାତାବାର୍ତ୍ତା ଆତେଞ୍ଜୁ । ଏଆରୁ ବେସ୍ତେରୁ ଆପ ବାପା କାଞ୍ଜୁବା ବୁଡିନିଙ୍ଗେ ମେଃପା ମେଃପି ଆପାକାଇ । ତାଇ ମନ ଆତେକା ଆମୁ ବୁଡିନି ପାଣ୍ଡା ତିଙ୍ଗି ମାଟ୍କି ମାନାମୁ । ଏମ୍ବାଡାଇ ସାଜାମାସି ଦିଗୁଲା ତ୍ରାପେକି ବ୍ବେତେଞ୍ଜୁ । ଇ ଗୁଲେ ତାରା କାତା ଆପ ତାଞ୍ଜିରିଇ ବେସ୍ତେଞ୍ଜୁ । ଏମ୍ବାଡାଇ ଅଟେ ରଆନିଇ ଆହାନଇ ବୁଡି ସାଣ୍ଡକି ସାସେରୁ । ବୁଡି ଆପ ମେଃପା ମେଃପି ଆଜାନାଇ ମନ ଆତାମୁ ଇଞ୍ଜାନା ମୁଦିଙ୍ଗା ମାସ୍କା ମାସ୍କି ଆତୁ । ଏବେ ଅଟିଆପତାଞ୍ଜିରୁ ନାଜୁ ତାକାରି ଆହାନାଇ ବୁଡି ସାଣ୍ଡକି ସାସେରୁ । ସିଟି କାଲୁ ସିତେରୁ । ଗାଟିକାତା ବୁଭିନି ତାଞ୍ଜିରୁ ପୁକ୍ଲେରୁ ।**



ପୂର୍ବେ ବୋହୂ ପିଲା ଦେଖାଦେଖି ସମୟରେ ପ୍ରଥମେ ହରିଜନ ଲୋକ ବା ଦିଗାଳ ଲୋକଙ୍କୁ ପଠାହେଉଥିଲା । ସେ ପଠାଇଥିବା ଲୋକଟି ବୋହୂ ପିଲାର ବାପା ମାଙ୍କ ସାଙ୍ଗେ କଥାବାର୍ତ୍ତା ହେଉଥିଲେ । ସେମାନେ କହୁଥିଲେ ଯେ ବର ପୁଅଟି ଆସୁ ଝିଅ ସଙ୍ଗରେ ଦେଖା ଦେଖି ହୁଅନ୍ତୁ । ସେମାନେ ଇଚ୍ଛାକଲେ ଆମ୍ଭେମାନେ ବୋହୂ ପିଲାକୁ ଦେବାପାଇଁ ରାଜି ଅଛୁ । ତା ପରେ ଯାଇଥିବା ଦିଗାଲ ଲୋକଟି ସ୍ୱ ଗ୍ରାମକୁ ଫେରୁଥିଲା । ଏ ସମସ୍ତ କଥା ପୁଅର ବାପାମା'ଙ୍କୁ କହୁଥିଲେ । ତା ପରେ ପୁନର୍ବାର ଜଣଙ୍କୁ ଧରି ବୋହୂ ଘରକୁ ଗଲେ । ବୋହୂ ଏବଂ ପୁଅ ଦେଖାଦେଖି ହୋଇ ଆମ୍ଭେ ଦୁହେଁ ଇଚ୍ଛା କଲୁ ବୋଲି ମୁଦି ଗୁଡିକ ବଦଳାଇଲେ । ତା ପରେ ବରର ବାପା ଗ୍ରାମର ଲୋକମାନଙ୍କୁ ଧରି କନ୍ୟା ଘରକୁ ଗଲେ । ସେଠାରେ ସିଟି ମଦ ଦେଲେ । ଗଣ୍ଡି ଦେବା ବିଷୟରେ କନ୍ୟାର ବାପା ସ୍ଥିରକଲେ ।

ଏମ୍ଭାଡାଇ ଦେରୁ ସେଡି ଆତେକା ପାଗା ସିବା ତାଙ୍ଗି ବୁଡିନି ତାଞ୍ଜିରୁ ଏଲୁ ଗିତେରୁ । ପାଗାଡେଲି ତାନି ପ୍ରାଙ୍ଗାମୁଗିଙ୍ଗା, କାଙ୍ଗା ମୁଗିଙ୍ଗା ଅଟେ କରୁ ବାଙ୍ଗା ମୁଗିଙ୍ଗା ରାହାତାନି ଇଟାଆତେ । ଆପଣତାଞ୍ଜିରୁ ଅଟେ ନାଜୁ ଗୁଡାତାକା ସଙ୍ଗୁ, ମହେରି ଅଟେ ଡଲାଙ୍ଗା ଏନ୍ଦି ଏନ୍ଦି ଆହାନା ସାସେରୁ । ବୁଡିନି ପାଜାଟି ବେଏ, ସାଙ୍ଗୁ, ମହେରି, ଅଟେ ଡଲାଙ୍ଗା ବାଃପା ଆଇସେ । ରିଇ ବେଞ୍ଜାଟି ତାକା ରେହାଡାଇ ଡଲା ଉବ୍‌ଗା ଗିଇପିଇ ଏଡ୍ଗିସେରୁ । ଏସେଦିନା ଚାହି ଆଜାନାଇ ବଜି ତିଞ୍ଜିସେରୁ । ବଜି ତାନି ଏଡେଲି ତାନି ବାରି କର୍‌କା କାଡ୍ଗାନାଙ୍ଗା ଭଙ୍ଗା ଗିପିସେରୁ । ବେଇତି ବିଲୁଡି ଆପରୁ ବେଞ୍ଜାଟି ଲକୁ ତାକା ଡ୍ରାପେକି ବ୍ଡେପି ସେରୁ ।



ତା ପରେ ବଡ ଧରଣର ବିବାହ ହେବ, ତାହା ହେଲେ ଛେଳି କିମ୍ବା ଘୁଷୁରୀ ଦେବାପାଇଁ କନ୍ୟା ବାପା ଆଲୋଚନା କରିବେ । ଏହି ସମୟରେ ଚାଉଳ, କାନ୍ଦୁଲ ଡାଲି ମୁଗି ଏବଂ ଗୁଡା ମୁଗି ଯାକ ଦାଣ୍ଡରେ ରଖାଯିବ । ବର ଗ୍ରାମର ଲୋକମାନେ ଟାଙ୍ଗୁ, ମହୁରୀ ବାଦ୍ୟ ଧରି ନାଚକରି ଯିବେ । କନ୍ୟା ଆଡୁ ମଧ୍ଯ ସେହିପରି ଟାଙ୍ଗୁ ବାଦ୍ୟ ଯାଉଥିଲା । ଦୁଇ ଦଳ ମଧ୍ୟରେ ପାରିବା ପଣିଆରେ ନାଚୁଥିଲେ । ସେହିଦିନ ସେମାନେ ରହିଯାଇ ତହିଁଆର ଦିନ ଭୋଜି ଖାଇଲେ । ଭୋଜି ସମୟରେ କେବଳ ପୁଅଯାକ ମାଂସ କରୁଥିଲେ । ତହିଁଆର ଦିନରେ ସନ୍ଧ୍ୟାସମୟରେ ବର ଲୋକ ନିଜ ନିଜ ଘରକୁ ଫେରି ଯାଉଥିଲେ ।


**ବୁଡିନି ତାଞ୍ଜିରୁ ରାହା ତାନି ଇଟା ଆଜାସି ମୁଗିଙ୍ଗା ଡେଃକି ଡେଃକି ସାଙ୍ଗୁ, ମହେରି, ଓଲାଙ୍ଗା ଆହାନାଇ ଏନ୍ଦି ଏନ୍ଦି ଆପରୁ ନାଜୁ ତାଙ୍ଗି ସାସେରୁ । ଏସିଦିନା ଏରେମ୍ବା ବେଏ ମୁଗିଙ୍ଗା ସର୍ପି ଗିଆନାଇ ବ୍ବେଡ଼ତେରୁ । ଗାଟି ଏସେକା ଏପ୍ପାଦେରୁ ବୁଡିନି ଆଦେରୁ । ଏ ଡେଲି ତାନି ଗାଟିଇ ସେକା କର୍‌କା ରୀଇ ସେରୁ ଡିଗାଲାକା ସାରି ବାରି ଏଙ୍ଗା ରୂପା ଟାକାଙ୍ଗା ସାରିଶହଇଡେଃଙ୍ଗି ଗାଟି ଗୁଲେ ତାରା ଏପ୍ପାତାକା ବୁଡିନି ଆଦେରୁ । ଆପରୁ ବେଞ୍ଜଟି ତାକା ସାଙ୍ଗୁ, ମହେରି ଅଟେ ଡଲାଙ୍ଗା ଆହାନଇ ବୁଡିନି ଅତା ସାସେର୍ରୁ । ବିଡିନିଇ ଅତାତାବା ଗଡା ଗିଆନାଇ ଅତାତେରୁ । ଏ ବେଇତି ବୁଡିନି ତାଞ୍ଜିରୁ ଦର୍ବି, ସିଣ୍ଡାଦାବା ଅଟେ ଆନାରା ସିବାମାନେ ଏରାଗୁଲେ ଅଅ ଜିତେରୁ । ଇଡେଃଙ୍ଗି ବାହେତାରି ଡାଞ୍ଜାକାଣ୍ଡା ମାସେ ।**



କନ୍ୟାର ବାପା ଦାଣ୍ଡରେ ରଖାଯାଇଥିବା ବାଦ୍ୟ ଧରି ନାଚି ନାଚି ବରର ଗ୍ରାମକୁ ଯିବେ । ସେହିଦିନ ସେଠାରେ ବି ଛୋଟ ଛୋଟ ଡାଲାଗୁଡ଼ିକ ସମର୍ପଣ କରି ଫେରିଯିବେ । ଗଣ୍ଡି ଯେତେବେଳେ ପଡ଼ିବ, ସେତେବେଳେ ଝିଅକୁ ନେଉ । ସେହି ସମୟରେ ଗଣ୍ଡି କହିଲେ ପୋଢ ଦୁଇହଳ, ପିତଳ ମାଠିଆ ଚାରିପଟ ଏବଂ ରୂପା ଟଙ୍କା ଚାରିଶହ ଏହି ପରି ଗଣ୍ଡି ସବୁତକ ଦେଲେ ଝିଅକୁ ନେଇଯିବ । ବରପାର୍ଟିରୁ ଚାଙ୍ଗୁ, ମହୁରୀ ଓ ବାଦ୍ୟ ଧରି ନାଚିକରି ବୋହୁକୁ ଆଣିବା ପାଇଁଯିବ । ବୋହୁ ପିଲାଙ୍କୁ ଆଣିଲା ସମୟରେ ତାଙ୍କୁ କାନ୍ଧରେ ବସାଇ ବା ଘୋଡାକରି ଆଣିବେ । ତହିଁଆର ଦିନ କନ୍ୟାର ବାପାମାନେ ଦରବ, ଲୁଗାପଟା ବିଭିନ୍ନ ଜିନିଷ ଗୁଡିକ ନେଉଥିଲେ । ଏହିପରି ପୂର୍ବର ବିବାହ ହେଉଥିଲା ।

# ବାଟଡାଇ ଦେରାଡି ବିହେନି (ଅଣ୍ଡାଠୁ ବଡ଼ ଶସ୍ୟ)

**ଗାମେ ବାସାରି ବେଲେ ର ରାଇଜତାକା ମିଡାକା କାହାଇ ମାସେରୁ । ଏ ତେଲିତା ମିଡାକା ରାଣ୍ଡୋ ବିହେନି ପାଟେରୁ ଏଣ୍ଡାରି କି ବାଟାଡାଇ ଦେରାଡି ଆଦାସେ । ଏରା ପାହେରିଡାଇ ସାଜିମାସି ଲକୁ ତାକା ଅଆନାଇ ରାଜାଇ ପ୍ରାତେରୁ । ରାଜା ଏଆ ମେହାନା ଆଦାଙ୍ଗି ଆତେଞ୍ଜୁ ଏ ରାଇଜତାନି ମାନି ଗୁଲେ ପଣ୍ଡିତଙ୍ଗାନି ଆର୍ପା ପାଣ୍ଡିତେଞ୍ଜୁ ଏଙ୍ଗା ବେସେଞ୍ଜୁ "ଇ ବିହେନି ଏମ୍ବୁବାନି ଏଙ୍ଗା ଏସେକା ତାସା ଗିବା ଆଇସେ" । ଇ କାତା ପଣ୍ଡିତଙ୍ଗା ଗୁଲେ ବହିଙ୍ଗା ଏକ୍‌ସାନାତେଏ ପୁନାତେରୁ ଏଙ୍ଗା ଆନାସିକି ବେସ୍‌ପା ମୁଆତେରୁ । ଏସିବାଗା ଇ ରାଇଜତାନି ମାନି ତାସାଗାଟି ବୁଡାଗାଟାରି ଆର୍ପା ପାଣ୍ଡିତେଞ୍ଜୁ ।**




ବହୁତ ବର୍ଷ ତଳର କଥା । ଗୋଟିଏ ରାଜ୍ୟର ପିଲାମାନେ ଖେଳୁଥିଲେ । ସେ ସମୟରେ ପିଲାମାନେ ଗୋଟିଏ ଶସ୍ୟ ପାଇଲେ ଯାହା କି, ଅଣ୍ଡାଠାରୁ ବଡଥିଲା । ତାହା ବାଟରେ ଯାଉଥିବା ଲୋକମାନେ ନେଇ ରାଜାଙ୍କୁ ବିକିଲେ । ରାଜା ଏହା ଦେଖି ଆଶ୍ଚର୍ଯ୍ୟ ହେଲେ ଏବଂ ରାଜ୍ୟରେ ଥିବା ସମସ୍ତ ପଣ୍ଡିତମାନଙ୍କୁ ଡକାଇ ପଠାଇଲେ । ଏହି ଶସ୍ୟ କେଉଁଠାରେ ଓ କେବେ ଚାଷ କରାଯାଉଥିଲା । ଏ ବିଷୟ ପଣ୍ଡିତମାନେ ସମସ୍ତ ବହି ଖୋଜି ମଧ୍ୟ ଉତ୍ତର ଦେଇ ପାରିଲେ ନାହିଁ । ସେଥିପାଇଁ  ଏ ରାଜ୍ୟରେ ଥିବା ଚାଷୀ ବୁଢ଼ାମାନଙ୍କୁ ଡକାଇ ପଠାଇଲେ ।

ଅଲିଆଗାଟାକା ଗାମେ ବୁଡାଗାଟାରି ଆର୍ପା ପାଣ୍ଡିତେଞ୍ଜୁ । ଅଲିଆଗାଟାକା ଗାମେ ବୁଡା ଆଜାମାସି ବୁଡାଇ ଅତାତେରୁ । ଇ ବୁଡାଇ ରାଜା ବେସେଞ୍ଜୁ । ଏଙ୍ଗା ବୁଡା ଇ କାତା ପୁନେନୁ ଇଞ୍ଜି ବେସ୍ତେଞ୍ଜୁ । ଆନୁ ଇରା ବିହେବି ଏସେକା ବେଏ ମେହା ସିଡାତେନୁ । ଆଗ ବାତି ବୁଡା ଜଡେକା ଡୁଡାଙ୍ଗା ଆହାନାଇ, ଡୁକୁଲି ଆଜାନା ବାତେଞ୍ଜୁ । ଏଆନିତାଇ ପାଟ୍‌କା ସିଡାତୁ କି କାନ୍‌ଙ୍ଗାକଏ ମେଃପି ସିଡାତେଞ୍ଜୁ । ଇ ବେଅଟି ରାଜା ଇ ବୁଡା ତାଞ୍ଜିଇ ଆର୍ପା ପାଣ୍ଡିତେଞ୍ଜୁ । ରେହେ ବାତି ବୁଡା ରଣ୍ଡା ଡୁଡା ଆହାନାଇ ବାତେଞ୍ଜୁ । ଇଆଞ୍ଜୁ କାନ୍‌ଙ୍ଗା ମେଃପି ସେଞ୍ଜୁ ।



ଚାକରମାନେ ବହୁତ ବୟସ ହୋଇ ଥିବା ଜଣେ ବୁଢାକୁ ନେଇ ଆସିଲେ । ଏ ବିଷୟ ରାଜା ପଚାରିବାରୁ ବୁଢା ଜାଣିବି ନାହିଁ ବୋଲି କହିଲେ । ମୁଁ ଏ ଶସ୍ୟ କେବେ ବି ଦେଖି ନଥିଲି । ପ୍ରଥମ ବୁଢା ଆସିଲାବେଳେ ଦୁଇଟି ବାଡି ଧରି ନଇଁ ନଇଁ ଆସିଲେ । ପାଟିରେ ଦାନ୍ତ ନଥିଲା କି ଆଖିକୁ ଦେଖା ଯାଉ ନଥିଲା । ତାପରେ ରାଜା ବୁଢାର ବାପାଙ୍କୁ ଡକାଇଲେ । ଦ୍ୱିତୀୟ ବୁଢା ଗୋଟିଏ ବାଡି ଧରି ଆସିଲେ । ଆଖି ଦେଖାଯାଉଥିଲା ।

ରାଜା ଇଆନି ବିହେନି ଇଜିଙ୍ଗିତାରି ଏମ୍ଭେ ଅଟେ ଏସେକା ତାସା ଗିବା ଆଇସେ ଇଞ୍ଜି ବେସେଞ୍ଜୁ । କିନ୍ତୁ ବୁଡା ଇସେଞ୍ଜୁ ଇ ବିହେନି ଆନୁ ମେହାସେଏ କିନ୍ତୁ ଏମ୍ଭେ ଅଟେ ଏସେକା ତାସା ଗିବା ଆଇସେ ପୁନା ସିଡେନୁ । ଇରା ବେ-ଜାନା ଦ୍ୱିତୀୟ ବୁଡା ତାଞ୍ଜିଇ ରାଜା ଆର୍ପା ପାଣ୍ଡିତେଞ୍ଜୁ । ଶେଷତାନି ତୃତୀୟ ବୁଡା ଆବା ବାତେଞ୍ଜୁ । ଏଆଞ୍ଜୁ ରଣ୍ଡାବେଏ ଡୁଡା ଆହାଡାଇ ବାତେଞ୍ଜୁ । ନେକାଡାଇ କାନ୍ଙ୍ଗା ମେଃପିସେଞ୍ଜୁ ଅଟେ ଡାଟାବଲ ବେଏ ମାସେ । ରାଜା ଇଆନି  ଏ ତାସା ଏସ୍ତାବାନି ଅଟେ ଏସେକା ଆଇ ମାସେ ଇଞ୍ଜି ବେସେଞ୍ଜୁ ।



ପ୍ରଥମ ବୁଢାଠାରୁ ସବଳଥିଲା । ରାଜା ତାଙ୍କୁ ପଚାରିଲେ ଏ ପ୍ରକାର ଶସ୍ୟ କେବେ ଓ କେଉଁଠାରେ ଚାଷ କରାଯାଉଥିଲା । ବୁଢା ଏହା ଶୁଣି କହିଲା ମୁଁ ଏ ଶସ୍ୟ ଅବଶ୍ୟ ଦେଖିଥିଲି କିନ୍ତୁ କେବେ ଓ କେଉଁଠି ଚାଷ ହେଉଥିଲା ଜାଣିନାହିଁ । ଏହା ଶୁଣି ରାଜା ଦ୍ୱିତୀୟ ବୁଢାର ବାପାଙ୍କୁ ଡକାଇ ପଠାଇଲେ  । ଶେଷରେ ତୃତୀୟ ବୁଢା ଆସିଲେ । ସେ ବାଡି ଧରି ନଥିଲେ । ଭଲ ଭାବରେ ଆଖିରେ ଦେଖୁଥିଲେ । ସୁସ୍ଥ ସବଳ ଥିଲେ । ବୁଢାକୁ ରାଜା ପଚାରିଲେ ଏହା କେଉଁଠାରେ ଓ କେବେ ଚାଷ କରାଯାଉଥିଲା ।

ଇ ବୁଡା ବେସ୍ତେଞ୍ଜୁ ଯେ ଇ ତାସା ମାଇ ଡେଲିତାନି ତାସା ଗିପିସାମୁ ଏଙ୍ଗା ନେଗାଡାଇ ଆଇସେ । ପେନୁ ସିଆଞ୍ଜାନି ଟାଡାତାନି ଆମୁ ତାସା ଗିପିସାମୁ ।ଇରା ବେଞ୍ଜାନା ରାଜା ଇସେଞ୍ଜୁ ଆନାଡିକି ଇତାସା ଏ ଡେଲିତାନି ଆଇସେ ଏଙ୍ଗା ଗାମେ ଦେରାଡି ଆଇସେ । ବୁଡା ବେସ୍ତେଞ୍ଜୁ ଆମୁ ପେନୁ ସିଆଞ୍ଜାନି ଟାଡାତାନି ତାସାଗିପସାମୁ । ଇରି ଟାଡା ନାନ୍ଦେ ଏରି ଏଆନିତାରି ଇହିଙ୍ଗି ଏଲୁ ସିଡାତେ ।ଡାଇ ଏଲ ସିଡାତେ । ବିହେନି ପ୍ରାପା ପାପ ଇଞ୍ଜିଏଲୁଗିପି ସାମୁ ଏ ତେଲିତା ଡାକୁଏଙ୍ଗା ବେଏ ସିଡାତ । ମାଇ ମାଦେ ସତ ମାସେ । ଏଆକି ଇ ତାସା ଗାମେ ଆଟେ ଦେରାଡି ଦେରାଡି ଆଇସେ ।



ବୁଢ କହିଲା ଯେ ଏହି ଆମ ସମୟରେ ଚାଷ କରୁଥିଲୁ ଓ ଭଲରେ ହେଉଥିଲା ।ଏହା ଶୁଣି ରାଜା ପଚାରିଲେ-କାହିଁକି ଏହି ଚାଷ ସେତେବେଳେ ଭଲ ହେଉଥିଲା ଓ ବଡ ହେଉଥିଲା । ଆମେ ସେତେବେଳେ ପ୍ରଭୁଙ୍କ ଆଶୀର୍ବାଦିତ ଭୂମିରେ ଚାଷକରୁଥିଲୁ । ଏହି ଜମି ମୋର ତାହା ତାର ଏମିତି ମନୋଭାବ ନଥିଲା । ଶସ୍ୟ ବିକିବା ପାପ ବୋଲି ବିଚାରକରୁଥିଲୁ । ଟଙ୍କା ପଇସା ମଧ୍ୟ ନଥିଲା । ଆମ ମଧ୍ୟରେ ସତ ଥିଲା । ତେଣୁ ଏହି ଶସ୍ୟ ଭଲ ଏବଂ ବଡ ବଡ ହେଉଥିଲା ।

ଅଟେ ରାଜା ବେସେଞ୍ଜୁ- ନି ନାତି ବୁଡା ଆନାଡିକି ଜଡେକା ବୁଡାଙ୍ଗା ଆହାନା ବାତେଞ୍ଜୁ ଏଙ୍ଗା କାନ୍‌ଙ୍ଗାବେଏ ଗେଫପି ସିଡାତେଞ୍ଜୁ କି ପାଟ୍‌କାବେଏ ସିଡା । ଅଟେ ନି ମ୍ରିହେଞ୍ଜୁ ରଣ୍ଡା ଡୁଡା ଆହାନାବାତେଞ୍ଜୁଏଙ୍ଗାନିବାହାଡାଇଏଆନିତାରିବଲଡାଟାସିଡାତେ ।ଇରାବେଞ୍ଜାନାବୁଡା ଇସେଞ୍ଜୁମାଇଡେଲିତାନିମାଇମାଜେସତକାତାମାସେ ।ଡଇପୁନାସିତାତାମୁ ।ଏଙ୍ଗାତାଟା ବଲମାଞ୍ଜାନେ ।ପେନୁତାରା ବାର୍ଗିଆହାନାଇନିମ୍ଭାଇସାମୁ ।ଇବେଲିକୁତାକାଗାମେତାଡା ମନଭାଇଡଇପାହେରିତାକାଇନେରୁ ।ଏଆକିଇତେଃଙ୍ଗିବଲଡାଟାକଗାଇମାନେ ।ଦୁର୍ବଳ ଆଇନେରୁ ।



ପୁଣି ରାଜା ପଚାରିଲେ- ତୁମାର ନାତି ବୁଢା କାହିଁକି ଦୁଇଟି ବାଡି ସାହାଯ୍ୟରେ ଆସିଲେ ଓ ଆଖିକି ବି ଦେଖାଯାଉନଥିଲା କି ଦାନ୍ତ ବି ନଥିଲା । ଆଉ ତୁମର ପୁଅ ଗୋଟିଏ ବାଡି ଧରି ଆସିଲେ ଓ ତୁମଠାରୁ ତାଙ୍କର ବଳ ସେତେ ନଥିଲା । ଏହାଶୁଣି ବୁଢା କହିଲା ଆମ ସମୟରେ ଆମ ଭିତରେ ସତକଥା ଥିଲା । ପାପ ଜାଣି ନଥିଲୁ । ପ୍ରଭୁଙ୍କର ପ୍ରେରଣା ଅନୁଯାୟୀ ବଞ୍ଚିଥିଲୁ । ବର୍ତ୍ତମାନର ଲୋକମାନେ ନିଜ ଇଚ୍ଛାରେ ଖରାପ ପଥରେ ଚାଲୁଛନ୍ତି । ସେଥିପାଇଁ ଏପରି ବଳ ରହୁନାହିଁ । ଦୁର୍ବଳ ହେଉଛନ୍ତି ।

# ଗଡ଼ିଶାଲା ମାନେଘାଟି (ଗଡିଶାଲା ଘାଟି)

କନ୍ଧମାଳ ଜିଲ୍ଲା ଘୁ.ଉଦୟଗିର ଡାଇ ରାଇକାନ୍ଡ ପାହେରିଆ ଗଡିଶାଲା ମାନେଘାଟିତାରି ପୂର୍ବାକାତା ଗାମେଏ ବାସାରିବେଲେଏ ଇ ଘାଟି ବାରି କାତା ସେଲୁ ରନ୍ଡେ ଶଶାରି ତାକା ମାହେରି ମାସେ । ଲକୁ ତାକାନ ଇପାହେରିଆ ସାଲବା ବାବା ଗିପିସେରୁ । ଗାମେଏ ବାସାରିବେଲେ ଇ ଘାଟିତାନି ରଣ୍ଡେ ଦେରାଡି ଅଇରାଜା ସାସୁ ମାସେ । ଇ ପାହେରି ଡାଇ ଏସ୍ତିଲଙ୍କୁ ସାସେ କାବେଏ ଇରି ସାସୁ ଏ ଲକୁରିଇ ଗୁଃପାଇ ମାସେ । ଏସିବାଗା ଲକୁଇ ପାହେରି ଡାଇ ସାଲବାବାବା ଗିବାସେଲୁ ଗାମେଏ ଆସକି ସେରୁ ।



କନ୍ଧମାଳ ଜିଲ୍ଲାର ଘୁ.ଉଦୟଗିରିଠାରୁ ରାଇକିଆ ରାସ୍ତାରେ ଥିବା ଗଡିଶାଲା ଘାଟି ସମ୍ବନ୍ଧରେ ପ୍ରଚଳିତ ଏକ ଲୋକଗଳ୍ପ । ବହୁତ ବର୍ଷ ପୂର୍ବେ ଏହି ଘାଟିଟି ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣଥିଲା । କେବଳ ସଂକୀର୍ଣ୍ଣ ଚଲାପଥଟିଏ ଥିଲା ।  ଲୋକେ ସେହି ପଥରେ ଯିବା ଆସିବା କରୁଥିଲେ । ସେତେବେଳେ ଗୋଟିଏ ଅହିରାଜ ସର୍ପ ସେହି ଘାଟିରେ ରହୁଥିଲା ଏବଂ ସେହି ଘାଟିରେ ଯାଉଥିବା ବାଟୋଇମାନଙ୍କୁ ଗିଳି ଦେଉଥିଲା । ତେଣୁ ଲୋକେ ସେହି ରାସ୍ତାରେ ଯିବାକୁ ଭୟ କରୁଥିଲେ ।

ପିଲାଙ୍କ କଥା

ଇ ଗୁଲେଏ ଲକୁରିଇ ଏରି ସ୍ରାସୁ ଗୁଃପିତେ ।ଇଅଅଡେହେଙ୍ଗି ଏପାହେରିଡାଇ ଆମ୍ବାଇବେଏ ସାସେକା ଏରି ସ୍ରାସୁ ଗୁଃପେଇ ମାସେ । ଇଆଡେହେଙ୍ଗି ସ୍ରାସୁ ଲକୁରି ଗୁଦୁପାନା ରେହାଡାଇ ଏ ଘାଟିତାନି ରାହି ଆଇସେ । ଲରାଆ ଗୁଲେଏ ମେହାନା ଲକୁ ଗାମେଏ ଆକିସେରୁ । ରନିସି ତାରିକାତା ବାକିକାଣ୍ଡ ନାଜୁତାରି ଗୁଞ୍ଜୋଲି ପ୍ରଧାନ ଇଞ୍ଜାନା ରଣ୍ଡେ ବୁଡାଲି ମାସେ । ଏରି ବୁଡାଲି ନାଜୁ ଲକୁରିଇ ଗୁଲେଏ ତାକାରି ଆର୍ସାନା ରଣ୍ଡା କାତା କପ୍‌କା ଗିତେ ଏଙ୍ଗା ବେସ୍ତେ ର ଦେରି ଡଲାତାନି ଗଞ୍ଜୁନିଜୁ ପୂରି ଗିବାସେଲୁଏଆରିଇ ବେସ୍ତେ ।

ଲକୁ ଗୁଲେଏ ତାକାଏ ବୁଡାଲିନି ବେସ୍ତିଡେହେଙ୍ଗି ଗିତେରୁ । ଏଙ୍ଗା ରଣ୍ଡା ଦେରାଡା ବଜି ଡଲ୍‌ଗୁ ଡଲାଙ୍ଗାଡାଇ ଗିବାସେଲୁ ବେସ୍ତେ । ରନିସି ତାରିକାତା, ଇ ପାହେରି ଡାଇ ଗଞ୍ଜାମ ଜିଲ୍ଲାଡାଇ ଏଗାର ଗାଣ୍ଡି ବେପାରାଙ୍ଗା ବାରିଆହାନା ଏ ଘାଟିଡାଇ ବାଇସେରୁ ।




ଦିନକର ଘଟଣା ସେହି ବାଟଦେଇ ଗଞ୍ଜାମ ଜିଲ୍ଲାର ୧୧ ଜଣ ବେପାରୀ ଭାରବୋହି ଆସୁଥିଲେ । ସାପଟି ସେମାନଙ୍କୁ ସେଠାରେ ଗିଳିଦେଲା । ଏହା ଶୁଣି ଲୋକେ ଭୟଭୀତ ହେଲେ । ସେ ସମସ୍ତଙ୍କୁ ଏପରି ଗିଳୁଥିଲା । ଏହି ସମୟରେ ବାକିଙ୍ଗିଆ ଗ୍ରାମର ପ୍ରଧାନ ନାମକ ଏକ ବୁଢୀ ଗ୍ରାମବାସୀଙ୍କୁ ଡାକି ଏକ ସଭା କଲା ଏବଂ ସମସ୍ତଙ୍କୁ କହିଲା ଯେ, ଗୋଟିଏ ଡଲାରେ ଭାଲିଆ ତେଲପୂର୍ଣ୍ଣ କରି ଆଡମ୍ବର ସହକାରେ ଏକ ଭୋଜିର ଆୟୋଜନ କର ।

**ଲକୁ ଏଆ ଡେହେଙ୍ଗି ଗିତେରୁ । ବଜି ବିହାଙ୍ଗେନେ ଏ ବୁଡାଲି ଡଲାଗୁଡଲା ବେସାନା ଏପାହେରି ସଡିଟି ପିହ୍‌ପାସେଲୁ ବେସ୍ତେ । ଏରି ବୁଡାଲି ଗଞ୍ଜୁନିଙ୍କୁ ପୂରିଆଜାସି ଡଲା ଡୁସାନା ନକିଟି ନକିଟି ମାସେ । ଏ ଘାଟିତାଙ୍ଗି ଏପାସେଲୁ ଟିକେ ମାସି ପାହେରିଡାଇ ଏରି ଗୁଲେଏ ଲକୁରିଇ ଇଜକି ବ୍ଲେପା ସେଲୁବେସ୍ତେ । ଏଙ୍ଗା ତାନୁ ରଣ୍ଡେନେ ଦେରି ଡଲାତାନି ପୂରି ଗଞ୍ଜୁନିଙ୍କୁ ଡୁସାନା ପାହେରିଡେଏ ସାସେ । ଇ ଡେଲିତାନି ଏରି ଦେରାଡି ସ୍ରାସୁ ଏ ଡଲାତିନିଇ ଲକୁ ଇଞ୍ଜାନା ଗୁହ୍‌ପାସେଲୁ । ସେନ୍‌ଡକି କଟ୍‌କିସାନି ଡଲାତାନି ମାସି ଗଞ୍ଜୁ ନିଜୁତା ତାନ୍ଦାରା ଡ୍ଲାଉ ଡୁବୁ ଇସେ । ଏସେରି ବେଲା ଗୁଡେଲି ବୁଡାଲି ଡଲା ତୁହାନା ଇଜକି ଗେହାତେ ।**



ଲୋକ ସେହିପରି କଲେ । ଭୋଜି ସରିଲା ପରେ ବୁଢ଼ୀ କହିଲା ଯେ, ବାଜା ବାଜେଣିରେ ସେହି ବାଟଦେଇ ମୋତେ ଛାଡିଆସ । ବୁଢ଼ୀଟି ଭାଲିଆ ତେଲ ପୂର୍ଣ୍ଣ ଡଲା ମୁଣ୍ଡରେ ଧରି ଆଗେ ଆଗେ ଗଲା ଏବଂ ଉକ୍ତ ଘାଟିକୁ ପହଞ୍ଚିବା ପୂର୍ବରୁ ଲୋକମାନଙ୍କୁ ପଛକୁ ଫେରାଇ ଦେଇ ସେ ନିଜେ ଭାଲିଆ ତେଲ ପୂର୍ଣ୍ଣ ଡଲା ମୁଣ୍ଡାଇ ସେହି ରାସ୍ତାଦେଇ ଗଲା । ଏହି ସମୟରେ ଉକ୍ତ ଅହିରାଜ ସାପ ଆସି ବୁଢ଼ୀକୁ ଗିଳିବା ଆଶାରେ ପାଟି ମେଲାକରି ମୁଣ୍ଡଆଡୁ ଝାମ୍ପିଲା ବେଳକୁ ତାର ମୁଣ୍ଡଟି ସେହି ତେଲ ଭିତରେ ବୁଡିଗଲା ।


ସ୍ରାସୁ ଗଞ୍ଜୁ ନିଜୁତାନି ତ୍ଲାଉ ଡୁବୁଇନ୍ ବାଙ୍ଗେନେ ଏରିସ୍ରାସୁ ସସ୍କା ଆଜାନା କାନଙ୍ଗା, କାଡାଙ୍ଗିଁଆତେ ଏଙ୍ଗା ତିନ୍ବା ପାନାଡାଇ ସାତେ । ଏସି ଗାଲାଡାଇ ଏ ଗଡିଶାଲା ଘାଟିତାନି ଏରି ଦେରାଡି ସାସୁ ତମ୍ବା ଆଜା ସିଡେଏ । ଗୁଲେଏ ଲକୁ ଏ ଏଲିସାବେଥ୍ ବୁଡାଲିନିଇ ଗାମେଏ ଗାମେଏ ଧନ୍ୟ ଧନ୍ୟ ଗିତେରୁ । ଏଙ୍ଗା ବୁଡାଲି ନିନ୍ଦାରା ବୁଦ୍ଧି ଅଟେ ଡାଟା ମେହନା ଆଦାଙ୍ଗିଁଆ ଆତେରୁ । ନେଞ୍ଜୁ ଟୁକ୍ନା ଇ ଘାଟି ତାରାକାତା ବେସେଏ କାନି ଲକୁ ଆଦାଙ୍ଗିଁତାଇ ବେଞ୍ଜିନେରୁ । ତାଡା କୁଟୁମ ଲକୁ ଇଦେ ଟୁକ୍ନା ବାକି଼ଗାଣ୍ଡ ନାଜୁତାନିଇ ମାନ । ଏବି ଇ ବୁଡାଲି ନିନ୍ଦାରାକାତା ଇଦେଏ ଟୁକ୍ନା ବେସେକା ବେସ୍କିମାନ ।



ବୁଢୀଟି ଡଲା ଫିଙ୍ଗିଦେଇ ଘରକୁ ଫେରି ଆସିଲା । ତା ପରେ ସାପର ପାଟିରେ ଘାଆ ହେଲା, ତାର ଆଖି ନଷ୍ଟ ହୋଇଗଲା ।  ଯଦ୍ୱାରା କି ସେ ଖାଇବାକୁ ପିଇବାକୁ ନ ପାଇ ମରିଗଲା । ସେହିଦିନଟାରୁ ସେହି ଘାଟିରେ ଆଉ ସାପ ଉପଦ୍ରବ ହେଲାନାହିଁ । ସମସ୍ତେ ଏହି ବୁଢୀର ବୁଦ୍ଧି ଓ ସାହସିକତାକୁ ପ୍ରଶଂସା କଲେ । ବର୍ତ୍ତମାନ ସୁଦ୍ଧା ତାଙ୍କ ବଂଶଧର ବାକିଙ୍ଗିଆ ଗ୍ରାମରେ ଅଛନ୍ତି । ସେମାନେ ମଧ୍ୟ ଏହି ସବୁକଥା କହୁଛନ୍ତି ।

# ତଗାଆ ମତୀ (ଡିମ୍ବିରି ବତୀ)

ର ଦିନା ତାନିଇ କୁଡା ଜାମା ମାସୁ । ଏବି ଗାମେଏ ନେଗିଡାଇ ପହିଆଇମାସୁ । ଆସାମିଡା ଟୁଟୁତାନି ମାସେ ଏଙ୍ଗା ରୁନିସି ସିଣ୍ଡାଙ୍ଗ ଜଗା ସେଲୁ ଜଡି ତାଙ୍ଗି ସାସେ । ଏ ଜଡି ତାନି ମାଜାସି ତଗା ରଣ୍ଡେ ପେହେଙ୍ଗି ପେହେଙ୍ଗି ଇଞ୍ଜି ବାଇମାସେ । ଏରା ତଗା କଡାନାଇ ଏରି ତିସେ, ଏରି ତଗା ଗାମେଏ ସେତେ । ସିନ୍‌ଡାଗା ଜଗା ମୁସାନାଇ ଇଜକି ବାତେ ଏଙ୍ଗା ତାଡା ଜାମାଇ ଇରା କାତା ବେସ୍ତେ । ଅଟେ ରନିସି ବେଅଟି ଏରା ତଗା ତିଇ ଇଞ୍ଜି ଗାମେଏ ଅଟ୍‌ପି ମାଇ ଇକେଏ ତିଇମା ଇଞ୍ଜି ତାଡା ଜାମାଇ ବେସ୍ତେ । ଏଆଞ୍ଜୁ ଏ ଆଡିନି ଗାମେ ଜେଡା ଗିପିସେଞ୍ଜୁ ଏରିଆନା ଗାର୍ଗିଗିତେକା ବେଏ ଆଏ ଇଞ୍ଜି ସଡାଆ ତେଞ୍ଜୁ, ଏ ଆଞ୍ଜୁ ଏରା ତଗା ଜଡିକୁଡୁ କୁଡୁ ଦାହିସି ସାସେଞ୍ଜୁ, ଏରା ତଗା ମ୍ରାହଣ୍ଡି ପୁଣ୍ଡି ତେଞ୍ଜୁ । ରେହା ଆଜାନାଇ ମାଜାସାରା ତଗା ପେଷ୍ଟାନାଇସି ଡେଲି ତାନି ରଆଞ୍ଜୁ ଅସୁରେ ଏଞ୍ଜୁ ମାସେ ଏମ୍ବାଙ୍ଗି ବାତେଞ୍ଜୁ, ଇନୁ ଏମ୍ବାଇ ?



ଗୋଟିଏ ରାଜ୍ୟରେ ପୁରୁଷ ଓ ସ୍ତ୍ରୀ ଦୁହେଁ ଥିଲେ । ସେମାନେ ବହୁତ ସୁନ୍ଦରରେ ଦିନ କଟାଉଥିଲେ । ସ୍ତ୍ରୀ ଲୋକଟି ଗର୍ଭବତୀ ଥିଲା । ଗୋଟିଏ ଦିନ ସ୍ତ୍ରୀଟି ଲୁଗାସଫା କରିବା ନିମନ୍ତେ ପାଖ ନଈକୁ ଗଲା । ଲୁଗା ସଫା କରୁଥିବା ବେଳେ ନଦୀରେ ଗୋଟିଏ ପାଚିଲା ଡିମ୍ବିରି ଫଳଟିଏ ଭାସି ଆସୁଥିବାର ଦେଖି ଆଣି ଖାଇଲା ତାହା ତାକୁ ଭାରି ମିଠା ଲାଗିଲା । ଲୁଗା ସଫା କରି ଘରକୁ ଫେରିଲା ପରେ ସେହି ଡିମ୍ବିରି ଖାଇବା ନିମନ୍ତେ ପୁନର୍ବାର ଇଚ୍ଛାକରି ତା ପୁରୁଷକୁ ଆଣିବା ନିମନ୍ତେ କହିଲା । ପୁରୁଷ ସ୍ତ୍ରୀର କୌଣସି କଥା ଅବମାନନା କରୁ ନଥିଲା ଏବଂ ସେ ଗର୍ଭିଣୀ ଥିବାରୁ ବାଧ୍ୟ ହୋଇ ସେହି ପାଚିଲା ଡିମ୍ବିରି ଫଳ ଆଣିବା ନିମନ୍ତେ ନଦୀ କଡ଼ କଡ଼ ଦେଇ ଯାଇ ଫଳ ଆଣିଗଲା ।

ଇମ୍ବାଙ୍ଗି ଇଆତଗା ଆନାଡିକି ତାପ୍କା ବାଜା ଇଞ୍ଜି ଅସ୍ୱାଗିତେଞ୍ଜୁ । ଏ ଲକୁ ତାନ୍ଦାରା ଗୁଲେ କାତା ବେସ୍‌ତେଞ୍ଜୁ । ଅସୁରେଏଞ୍ଜୁ ଆପାକାରି ଇଞ୍ଜି ବେସ୍ତେଞ୍ଜୁ, ଗେଟେ ମିପେ ବୁଡି ଗାଡିଆନେ ଇସେକା ଆନୁ ଏଆ ଡିନିଇ ଡାଞ୍ଜି, ଆପ ଗାଡି ଆତେକା ତଡେ ମାଏ ଗିଇ । ଇଆ ଗିଆଇ ଇସେକା ନି୯ ବିଡା ତଡୁ ଏସେ ମାନେରୁ ଗୁଲେ ଲକୁରିଇ ଦାହି ଦାହି ତିଇ ଗିଆ ଯିଆଇ । ଏଆଞ୍ଜୁ ଆତେ ଇଞ୍ଜି ବେସାନାଙ୍ଗା ମାଜାନାରା ତଗା ଆହାନଇ ଇଜକି ବାତେଞ୍ଜୁ ।ଇଜିକି, ବାଜାନାଇ ତାଡାକୁଡା ନିଇ ଅସୁରେଏଞ୍ଜୁ ବେସାସାରା କାତା ବେସ୍ତେଞ୍ଜୁ, ପନ୍‌ଡରେଣ୍ଡି ବିକାଲି ଆତୁ, ଆତେକାବେଏ ଆନାଗିଇ, ଇରା ତଗାଆ ତିନାଆ ତାକେ ଆନୁ ସାଇ ଇଞ୍ଜି ଆଜିବାଗା ତିସେ । ଏସେ ଡାଞ୍ଜୁ ସାଲ୍‌ବାଙ୍ଗେ ଏଇଡୁ ତାନିଇ ରଣ୍ଡେ ବୁଡିମିଡା ସାଞ୍ଜା ନାରି ଗାଡିଆତେ ଏଆଡିନି ତଗମତିଇଞ୍ଜି ବାଦାଇଟିତୁ ।



ଗଛ ମୂଳରେ ପହଁଚି ବହୁ ଖୁସିରେ ଫଳ ଗୁଡ଼ିକ ଗୋଟେଇଲା ବେଳେ ଜଣେ ରାକ୍ଷସ ଆସି ପହଞ୍ଚିଲା । ସେ ସେହି ଲୋକକୁ ଭୟ ଦେଖାଇ କହିଲା ତୁମେ କାହିଁକି, ଏଠାକୁ ଆସି ଫଳ ନେଇ ଯାଉଛ । ଏହା ଶୁଣି ବିନମ୍ରରେ ସେହି ଲୋକଟି ତା ସ୍ତ୍ରୀର କଥା କହିଲା । ରାକ୍ଷାସଟି କହିଲା ଯଦିଓ ଝିଅ ହୁଏ ତାକୁ ମୋତେ ଦେବ ମୁଁ ବିବାହ କରିବି ଏବଂ ପୁତ୍ରଟିଏ ହେଲେ ସଂଗାତ କରିବୁ କହିଲା । ଅନ୍ୟ କୌଣସି ଉପାୟ ନ ଦେଖି ରାକ୍ଷାସର କଥାରେ ସମ୍ମତି ପ୍ରକାଶ କରି ସେ ଡିମ୍ବିରି ଫଳ ଧରି ଫେରିଲା ।

**ଏରି ଲାଅ ଆତେ । ଟାଡି ତାଞ୍ଜି ଅସୁରେଏଞ୍ଜିତାରା କାତା ବେସାଆ ତାକେଏ ବେଏ ନାଜୁ ଲକୁ ଏରା ବେସ୍ତେ । ଏରି ବୁଡି ନିବାଡି ସାଞ୍ଜା ମାସେ, ଅସୁରେଏଞ୍ଜୁ ବେସାସି ଡେହେଙ୍ଗି ତାଞ୍ଜି ଆଜିବାଗା ତାଡାମାର ନିଇ ମାମାରିତନି ସାନା ଇଞ୍ଜି ବୁର୍ଡା ଗିଆନା ବେସ୍ତେଞ୍ଜୁ ଆଜା । ବିଏ ମାମା ରିତକି ସାନାସୁ ନେଞ୍ଜୁ ସିଣ୍ଡା ଆଦାନ୍ଦାଙ୍ଗା ଜଗିକାମୁ । ଏରି ଲାଆ ବୁଡି ତାଞ୍ଜିତାରା ବାର୍ଗି ଲେକାଡାଇ ଡିଇଡିଇ ସିଣ୍ଡାଙ୍ଗା ଜଗା ସାସେ ଏଙ୍ଗା ଜଗା ଡେଲତା ବେସ୍ତେ, ଉଜେ ନାଇଆବା ମାମାରିତକି ଅପି ଦୁଃତା ନେଞ୍ଜୁ ଇସେକା ଇବିସିଣ୍ଡାଙ୍ଗା କଃକ ବାଗିଲି ଡେହେଙ୍ଗି ଲଙ୍ଗି ଲଙ୍ଗିନା ମାସି ସଲାକାରି ଗେଟେ ଆଏ ଇସେକା ରକାଆ ଡେହେଙ୍ଗି ଆପାକାଇ । ସିଣ୍ଡାଙ୍ଗା ରାକାଡେହେଙ୍ଗି ପୁସିତୁ । ଏରି ଆନାବେ ଏଲୁ ଗିଆ ଡାଇ ଡିତେ ଏରାଡିନା ଡିବା ମେହାନା କଃକ ବାଗଲି ବାତେ ।**



ଘରକୁ ଫେରି ଫଳତକ ତା ସ୍ତ୍ରୀକୁ ଦେଇ ରାକ୍ଷସ କହିଥିବା କଥା ସବୁ କହିଲା । ଦୁହେଁ ଦୁଃଖରେ କାନ୍ଦିଲେ ଏବଂ ସ୍ତ୍ରୀର ମନ ଫଳ ଉପରେ ଥିବାରୁ ଅନ୍ୟ କୌଣସି କଥା ଚିନ୍ତା ନ କରି ସେ ଫଳ ଖାଇଲା । ଅଳ୍ପ କେତେ ମାସ ବିତିଗଲା ପରେ ସେହି ଘରେ ଗୋଟିଏ ଦିବ୍ୟ ସୁନ୍ଦରୀ ଝିଅଟିଏ ଜନ୍ମ ହେଲା । ତାର ନାମ ଡିମ୍ବିରି ବତୀ ବୋଲି ରଖିଲେ । କାଳକ୍ରମେ ସେ ଝିଅଟି ଯୁବତୀ ହେଲା । ସେହି ଲୋକଟି ରାକ୍ଷସର କଥାଟି ସଦାବେଳେ ମନରେ ରହିଥାଏ ଏବଂ ରାକ୍ଷସ କହିଥିବା କଥା ଗାଁର କେତେ ସ୍ତ୍ରୀ ଲୋକମାନେ ଜାଣିଥିଲେ । ଝିଅଟିକୁ କହିଥିଲେ କିନ୍ତୁ ଏହି ବିଷୟରେ ବାପା ଓ ମା କିଛି କହି ନଥିଲେ ।


ପିଲାଙ୍କ କଥା

ଏରିଏଆ ଡିନିଇ ଏସିତେ, ବୁଡି ଆନୁ ସିଣ୍ଡାଙ୍ଗା ଜଗାଯିଆଇ ଇନୁ ପାନାଙ୍ଗା ନାଇ ସେଲୁ ଆଃପା ଯିଆମୁ ଏରି ଆପାକାରି ଇଞ୍ଜି ପାନାଙ୍ଗା ଆଃପାଯିତେ କଃକ ବାଗଲି ସିଣ୍ଡାଗା ଜଗିତେ । ଜଗା ମୁପାଙ୍ଗେ, ତଗମତୀ ଇଜକି ବାତେ । ବେଇତି ତାଞ୍ଜି ଅଟେ ତାଡାମାର ଆଜାନାଇ ମାମାରିତକି ସାସୁ । ତାଞ୍ଜି ଟାଡିନିଇ ତାସାଜିଆମାସି ତଗା ପାହେରି ଡାଇ ତାଡା ମାରନିଇ ଅପିସେଞ୍ଜୁ, ତଗା ମେହାନାଇ ବେସ୍ତେଞ୍ଜୁ ଜିଅ, ଆନୁତଗା ଜୁଡ୍‌ତାଇ ଜୁଡ୍‌ତାଇ ଇନୁ ପେସ୍କାରାମୁ ନିମାମରିତ ଆପରୁ ଅଟେ ବୁଡିସାଗା ଦାଲା ମାନୁ ଏଆସାନି ଅଆଜିନା ଇଞ୍ଜି ତଗାମ୍ରାହୁତି ସେଙ୍ଗା ନାଇ ତଗା ଜୁଡ୍‌ସା ଜିଆନାଙ୍ଗା ତାଡା ମାର ତଗା ପେଷ୍କାଇସି ଡେଲିତାନି ମାର୍ଗା ନାଙ୍ଗାଟି ଇଜକି ଗେହାତେଞ୍ଜୁ । ଏରି ବୁଡି ରେହାଡାଇ ତଗା ପେଷ୍ଟାଇସି ଡେଲି ତାନିଇ ରଆଞ୍ଜୁ ଅସୁରେଏଞ୍ଜୁ ଏମ୍ବାଙ୍ଗି ଏତାତେଞ୍ଜୁ ।



ଦିନେ ଝିଅର ବାପା ଝିଅକୁ କହିଲା ମା ଆସନ୍ତା କାଲି ମାମୁଁ ଘରକୁ ଯିବା ଏଣୁ ଆଜି ଲୁଗା ଧୋଇବା ନିମନ୍ତେ ନଦୀକୁ ଯାଅ । ଏହା ସୁଣି ଝିଅ ଅତି ଦୁଃଖରେ ଲୁଗା ସଫା କରିବା ନିମନ୍ତେ ନଦୀକୁ ଗଲା ଏବଂ ଲୁଗା ଧୋଇଲା ବେଳେ କହିଲା ପ୍ରକୃତ ମୋ ବାପା ମୋତେ ମାମୁଁଙ୍କ ଘରକୁ ନେଇଯିବେ ତାହାହେଲେ ଏହି ଲୁଗା ଗୁଡିକ ବଗର ପରଭଳି ଧଳା ହେଉ ଏବଂ ନାହିଁ କହିଲେ ତାହା ରକ୍ତ ବର୍ଣ୍ଣ ହେଉ । ଲୁଗା ରକ୍ତ ବର୍ଣ୍ଣ ଧାରଣ କଲା । ଏହା ଦେଖି ଝିଅଟି ଦୁଃଖରେ ମିୟମ୍ରାଣ ହୋଇପଡିଲା । ପାଖରେ ଗୋଟିଏ ବଗୁଲି ଥିଲା, ସେ କହିଲା, ଭଉଣୀ ତୁମେ ଦୁଃଖ କରନାହିଁ ।


ଅସୁରେଏ ନି ମେହାନା ଏରି ଗାମେ ଆଜାନାଇ ତାଞ୍ଜିଇ ଆର୍ପିତେ । ତାଞ୍ଜି ଏମ୍ବାଆ ମାସେକା ସିନା ବେନେଞ୍ଜୁ ? ଅସୁରେଏ-ଜ୍କୁ ବେସ୍ତେଞ୍ଜୁ ନି ଆବାସିଡେଞ୍ଜୁ ଆନୁ ନିଙ୍ଗେ ଡାଞ୍ଜାରାଜାଇ ଇଞ୍ଜି ବୁର୍ଭା ଗିଆନାଇ ତାଡା ରାହି ଆଇସି ବାହା ତାଙ୍ଗି ଅତେ-ଜ୍କୁ । ଏସେ ଦିନା ସାଲ୍‌ବା ଙ୍ଗେଏ ଅସୁରେଏଞ୍ଜୁ ତାଡା ତଡେ-ଜ୍ଜାଇ ଲାଆବୁଡିନିଇ ତିନ୍ବାସେଲୁ ଆର୍ପାତିକି ସାସେଞ୍ଜୁ । ଏରି ଅସୁରଏଞ୍ଜି ତାରା ଇଡୁ ଗ୍ରଃକାଇ ମାସି ବଡା ତିନି ଗପ୍ପାଜିନ୍ତେ । ତଗାମତୀ ରାଗ ଆଜାନାଇ ଆନା ଆଇଞ୍ଜଦି ମେଅ ନିଙ୍ଗେ ନେଞ୍ଜୁ ବ୍ଜକା ବେତାଇ ଇଞ୍ଜି ଟୁଡା କଡି ତାନିଇ ମେଅ ବେସ୍ତେ, ଇନୁ ନାଙ୍ଗେ ଆନା ବେତାଦି ନେ-ଜ୍କୁ ନିଙ୍ଗେ ଅସୁରେଏଞ୍ଜୁ ଉଙ୍ଗା ଗିଆନା ତିଞ୍ଜାନେଞ୍ଜୁ । ଇରା ବେଞ୍ଜାନାଇ ତଗାମତୀ ବିକାଲି ଡାଇ ଡିତେ ଏଙ୍ଗା ଇଜେଗେନା ମେଅନ୍ଦି ଇଞ୍ଜି ବେସେ । ମେଅଉଜେ ଇଞ୍ଜି ବେସ୍ୱାଙ୍ଗେ ଆନି ବୁଦି ଗିଇ ଇଞ୍ଜି ବେସେ ।



ତୁମ ଲୁଗାତକ ମୁଁ ସଫା କରିଦେବି ଏବଂ ତୁମେ ମୋ ନିମନ୍ତେ ବେଙ୍ଗ ଧରି ଦିଅ । ବଗ ଲୁଗା ସଫା କରିଦେଲା । ଝିଅଟି ଲୁଗା ସଫା କରି ଘରକୁ ଫେରିଲା । ଆରଦିନ ନିଜ ପିତାଙ୍କ ସହିତ ମାମୁଁ ଘର ଅଭିମୁଖେ ଗଲେ । ମା ଗର୍ଭବତୀ ଥିଲାବେଳେ ଯେଉଁ ଡିମ୍ବିରି ତା ବାପା ଆଣିଦେଇଥିଲା ସେହି ଡିମ୍ବିରି ନିକଟକୁ ତା ଝିଅକୁ ନେଇ ସେ ଗଲା । ସେତେବେଳେ ଯଥେଷ୍ଟ ଡିମ୍ବିରି ପାଚିଥାଏ । ତା ବାପା ଝିଅକୁ କହିଲା, ମା ଲୋ ତୁମ ମାମୁଁଙ୍କ ଘରେ ଛୋଟ ଭାଇମାନେ ଅଛନ୍ତି ସେମାନଙ୍କୁ ଡିମ୍ବିରି ଫଳ ଅଳ୍ପ ନେଇ ଦେବା କହି ଗଛ ଚଢି ଫଳ ତଳକୁ ପକାଇଲା । ଝିଅଟି ଡିମ୍ବିରି ଫଳ ଗୋଟାଇବା ବେଳେ ତା ବାପା ସେଠି ଛାଡିଦେଇ ଘରକୁ ଦୌଡିଆସିଲା ।

ପିଲାଙ୍କ କଥା

ମେଅ ବେସ୍ତେ ବିଏ ଅସୁରେଏଞ୍ଜୁ ବାନେଞ୍ଜୁ ଇନୁ ଏ ବେଲେ ନେଏ ରନ୍‌ଡା ପାହେରି ଦାଃବି । ଆନି ପାହେରି ଇଞ୍ଜି ବେନ୍ଧାଙ୍ଗେ ମେଅ ବେସ୍ତେ, ଇରିମ୍ବା ରନ୍‌ଡେ ଅରିଇ ରାହି ଆଇନେ ଏରି ଇ ଇଡୁଲାଇ ଲାଇ ଗାଡା କାର୍ନେ ଇନୁ ଏ ଲାଇ ଲାଇ ସାଜାନା ର ଦିନା ରାଜେନିଇ ବାହାତାଙ୍ଗି ଏଦି ଏମ୍ବାଆ ନେଗାଡାଇ ରାହିଆଦି । ଏରି ମେଅ ଗାମେ ଦେରାଡି ମାସେ । ଏରି ମେଅ ଅଟେବେ ବେସ୍ତେ ନାଙ୍ଗି କ୍ରାତାଦି ଏଙ୍ଗା ନାନ୍ଦାରା ପାନ୍‌ଡାତିନି ପ୍ଲାଙ୍ଗା ନାଇ ବୁଡାଲିନି ଡେହେଙ୍ଗି ଡୁଡା ରଣ୍ଡା ଆହାନାଇ ତ୍ରେଦି ନଇଲେ ନିଙ୍ଗେ ଇଆଞ୍ଜୁ ଅସୁରେ ଏଞ୍ଜୁ ଏସେକା ବେଏ ପିତେଞ୍ଜୁ । ଏରି ଲାଆ ବୁଡି ମେଅନି ବେସ୍ତେ ଡେହେଙ୍ଗି ମେଅନି ବ୍ରାତେ ଏଙ୍ଗା ତାନ୍ଦାରା ପାଣ୍ଡା ପ୍ଲାଙ୍ଗାନାଇ ଇଡୁ ଲାଇଟି କାଟା ଗିତେଙ୍ଗା। ଅଡ୍ରି ର୍କାସାସି ଗୋରାଡାଇ ସାଜାନାଙ୍ଗା ଲାଇଟି ଏରା ଗାରାଆ ଟୁଣ୍ଡା ନା ସାସେ । ଅସୁରେଏଞ୍ଜୁ ବାଜାନାଇ ଦାରାଦେତାମ୍ବୁ ତଗାମତୀ ଇଞ୍ଜି ଅଡେଞ୍ଜୁ ।



ଅଳ୍ପ ସମୟ ପରେ ସେହି ଅସୁରଟି ଆସି ପହଁଞ୍ଚିଲା । ତାକୁ ଦେଖି ଝିଅଟି ଭୟରେ ତାଙ୍କ ପିତାଙ୍କୁ ଡାକିଲା କିନ୍ତୁ ପିତା ପାଖରେ ଥିଲେ ତ ଶୁଣିବେ ? ଅସୁର ତାକୁ ବିବାହ କରିବି କହି ନିଜ କୁଡିଆକୁ ନେଇଗଲା । କିଛିଦିନ ଗଲାପରେ ଅସୁରଟି ତାର ବଂଧୁଙ୍କୁ ଖୋଜି ଝିଅଟିକୁ ମିଶି ଖାଇବା ନିମନ୍ତେ ମନସ୍ତ କଲା ଓ ସେ ତା ବଂଧୁଙ୍କୁ ଖୋଜିବା ନିମନ୍ତେ ବାହାରିଲା । ଝିଅଟି ଅସୁରର ଗୃହଟିକୁ ପରିସ୍କାର କରିବାକୁ ବାହାରିଲା ବେଳେ, ସେଠି ଗୋଟାଏ ପ୍ରକାଣ୍ଡ ବିଲେଇଟିଏ ଥିଲା । ଝିଅ ପରିସ୍କାର କରିବାକୁ ଧରିଥିବା କନାଟିକୁ ରାମ୍ପୁଡି ଦେଲା । ଝିଅଟି ବିରକ୍ତ ହୋଇ ବିରାଡିଟିକୁ ପ୍ରାଣରେ ମାରିବା ନିମନ୍ତେ କହିଲା ମୋତେ କଣ ତୁ ମାରିବୁ ତୋତେ ତ ଆଜି କିମ୍ବା କାଲିକି ଅସୁର ଖାଇଦେବ ବୋଲି ବିଲେଇ କହିଲା ।

ତଗାମତୀ ମାସେନା ତ ଦାରା କଡାଜିନେ ? ଏଆଞ୍ଜୁ ରାଜ ଆଜାନାଇ କୁଡିତାରା ଦାରା ଲେକ୍ତେଞ୍ଜୁ ଏମ୍ବାଆ ତଗାମତୀ ସିଡାନାରା ମେହାନାଇ ବିଡିତେଞ୍ଜୁ ଏଙ୍ଗା ଏସ୍ତାବାନି ମାସେକା ବେଏ ତିଞ୍ଜାଇ ଇଞ୍ଜି ବେସ୍ତେ ବେସି ବେସି ଦାଃପା ଟଣ୍ଡି ତେଞ୍ଜୁ ଆତେକା ବେଏ ପାନାଆ ତେଞ୍ଜୁ । ତଗାମତୀ ଅଡ୍ରିଗାରା ଲାଇ ଲାଇ ସାଜାନାଇ ର ରାଜେନି ଦିନା ତାଙ୍ଗି ଏତେ । ଏମ୍ବାଆ ରାଜେନିଇ ପୁଣ୍ଡା ଆଜାନାଇ ବେସ୍ତେ, ରାଜେନିଇ ପୁଣ୍ଡା ଆଜାନାଇ ବେସ୍ତେ, ରାଜେନିତ ନାଙ୍ଗେ ଇନେଏ ଜେଡା ନଆ ତାକେ ଇମ୍ବାଇକେ ପହି ଆଇ ମା, ନାଇସେଲି ଏମ୍ବାଇ ବେଏ ସିଡେରୁ । ରାଜେଞ୍ଜୁ ତଗାମତୀନି ଲାଆ ବୁଡି ଇଞ୍ଜି ପୁନାଆ ତେଞ୍ଜୁ ଏଙ୍ଗା ଏରିବେଏ ବୁଡାଲିନି ଡେହେଙ୍ଗି ସ୍ରିଆ କାସାକାଡା ଆଜାଇ ଢଞ୍ଜାଇ ମାସେ । ମେଅ ପାଣ୍ଡା ପ୍ଲାଙ୍ଗା ମାସି ବାଗା ଲକୁତାକା ବେଏ ପୁନାଡାଇ ଏଆଡିନି ଗିଡି ଆଇସେରୁ । ଏରାଡିନି ରାଜେଞ୍ଜୁ ରାହିଆମୁ ଏଙ୍ଗା ଇମ୍ବାତାଆ ଅଡାଙ୍ଗା ଆଙ୍ଗାନା ପହିଆଦି ଇଞ୍ଜି ବେସାନାଇ ରଣ୍ଡା କଗାରା କୁଡି ମିତା ସିତେଞ୍ଜୁ ।



ଏହା ଶୁଣି ଝିଅର ମନରେ ଶଙ୍କା ହେଲା ଓ ଦୁଃଖରେ କାନ୍ଦିବାକୁ ଲାଗିଲା । ବିଲେଇଟି "କାନ୍ଦେନା ମୁଁ ତାହାର ଉପଯୁକ୍ତ ବ୍ୟବସ୍ଥା କରିଦେବି" କହିଲା । ମୋତେ ପ୍ରାଣରେ ମାରିଦେଇ ମୋର ଚମଡା ଘୋଡେଇ ହୋଇ ଏହି କୁଡିଆ ଘରତଳେ ଥିବା ମୂଷା ଗାତଦେଇ ରାଜାଙ୍କର ରାଜ୍ୟରେ ବାହାରିଲେ ରକ୍ଷା ପାଇବୁ । ଝିଅଟି ଠିକ୍ ସେୟା କଲା ଓ ବିଲେଇର ଚମଡା ଘୋଡେଇ ହୋଇ ବୁଢିଭଳି ହୋଇ ବାଡି ଗୋଟେ ଧରି ମୂଷା ଗାତରେ ପସି ଘରର ବାଡ଼ିପଟ ଦେଇ ଚାଲିଗଲା । ଅସୁର ଆସି ପହଁଚିଲା ଓ ଝିଅଟିକୁ ଡାକିଲା । ଝିଅଟି ନଥିଲା ଯଦ୍ୱାରା ଅସୁର ରାଗିଯାଇ କବାଟଟିକୁ ଭାଙ୍ଗିଦେଲା ଏବଂ ସେହି ଝିଅଟିକୁ ଖୋଜିଲା । କିନ୍ତୁ ନ ପାଇ ତୋତେ ମୁଁ ଜୀବନରେ କେବେହେଲେ ଛାଡିବି ନାହିଁ ବୋଲି ପ୍ରତିଜ୍ଞା କଲା ।

**ତଗାମତୀ ରେହାଡାଇ ଏମ୍ବା ରାହି ଆତେ ଏଙ୍ଗା ନାଜୁତାଉ ଇକେ ଦୂରୁ ମାହା ମ୍ରାହୁଣ୍ଡି ଲାଇଟି ଅଡାଙ୍ଗା ଗଟା ଗିଆନାଇ  ଜତେ । ଲକୁରି ମେହାନି ଡେହେଙ୍ଗି ଏ ମାହା ମ୍ରାହୁଣ୍ଡି ଲାଇ ରନ୍ଡା ଦୁଲି ନସ୍ପାଡାଇ ଗାଡିଗିତେ ଏଙ୍ଗା ମେଅ ପାନ୍ଡା କଡାନାଇ ଦୁଲି କାହାଇସେ, କାହାମୁସାନାଇ ଏରା ପାନ୍ଡା ପ୍ଲାଙ୍ଗାଇ ମାସେ । ରନିସି ରାଜେ ମିରେଞ୍ଜୁ ମାଇ ଅଡଙ୍ଗା ଏସଙ୍ଗିମାନୁ ଇରି ବୁଡାଲି ନେଗା ଡାଇ ଆଙ୍ଗାଇମାନେ ଗେନା ଆଏ ଇଞ୍ଜି ଗଟା ଗିପିସି ବାହାତାଙ୍ଗି ସାସେଞ୍ଜୁ । ଏପାଡେଲିତାନିଇ ଏରି ଦୁଲି କାହାଇ ସାରା ମେଃତେଞ୍ଜୁ, ତଗାମତୀ ଇହିଙ୍ଗି ସାଞ୍ଜାସେ, ଏଆଡିନି ଗାଣ୍ଡି ଗୁଲେ ଅପ୍‌ସିମାସେ ଏରା ମେହାନାଇ ବାଡି ବୁଡୁନା ଦିକା ତେଞ୍ଜୁ ଏଙ୍ଗା ଏମ୍ବେରିଏ ବେଏ ବେସାଡାଇ ଇଜକି ସାଜାନା ଏଆଡିନି ଏଲୁ ଗିଆନା ତିନ୍‌ବା ଭନ୍‌ବା ଗିଆଡାଇ ଗଡାଙ୍ଗା ରାହି ଆଇମାସି ଗହେଲି ତାନି ମାର୍ଗାନାଙ୍ଗା ରାହି ଆତେଞ୍ଜୁ । ଏଆଞ୍ଜୁ ରାଜେନିସେଲୁ ରଆଞ୍ଜେ ଆପ ମିଡା ।**



ଝିଅଟି ରାଜଙ୍କ ନଅରରେ ପହଁଚି ତାଙ୍କୁ ସାକ୍ଷାତ କରି ନିଜର କେହି ନାହିଁ ବୋଲି ଦୁଃଖ ଜଣେଇବାରୁ ରାଜା  ଦୟା ମନୋଭାବ ପୋଷଣ କରି ଗୋଟିଏ କୁଡିଆ ଘର ଦେଲେ ଏବଂ ତାଙ୍କର ଛେଳି ଚରେଇବା ନିମନ୍ତେ କହିଲେ । ଝିଅଟି ବୋଲି ରାଜା ମଧ୍ଯ ଜାଣି ପାରିଲେ ନାହିଁ । ସେ ଝିଅ ସେଠି ମହା ଆନନ୍ଦରେ ରହିଲା । ଗାଁର ଗୋଟିଏ ଅପର ପାର୍ଶ୍ୱରେ ଗୋଟିଏ ବିରାଟ ଆମ୍ବ ଗଛ ଥିଲା । ସେଥିରେ ଛେଳି ଗୋଠ, ସେହି ଝିଅ କରୁଥାଏ । କେହି ନ ଦେଖିଲା ଭଳି ଗୋଟିଏ ସୁନ୍ଦର ଦୋଳି କରି  ନିଜର ଦେହରୁ ବିଲେଇ ଚମଡା ବାହାର କରି ଦୋଳି ଖେଳୁଥାଏ । ରାଜାଙ୍କର ଗୋଟିଏ ମାତ୍ର ପୁତ୍ରଥିଲା ।

ବିଲୁଡି ଆବାଙ୍ଗେ ରାଜେଞ୍ଜୁ ଏଙ୍ଗା ରାଜାଲି ଆପ ଏମ୍ବେକି ସାସେଞ୍ଜୁ ଇଞ୍ଜି ଦାଃତୁ, ଏମ୍ବାଇ ବେଏ ପାନାତୁ । ଗଡାଙ୍ଗା ଗାଉଡେଏଞ୍ଜୁ ଗଡାଙ୍ଗା ଗହେଲି ତାନି ସଟ୍‌ପା ସାସାବାନି ମେଃତେଞ୍ଜୁ ରାଜାମିଡା ଏମ୍ବାଆ ଓସା ନେଞ୍ଜୁ ଏରା ସଦି ରାଜେନିଇ ବେସ୍କାତେଞ୍ଜୁ । ପଣ୍ଡେରିକ୍ତି ବାତୁ ଅଟେ ତାଡା ଲକୁତାକା ଗୁଲେଏ ବାତେରୁ । ଏଆନି ବେସେରୁ ଆନାଅଡିକି ଆ ଡେହେଙ୍ଗି ଡିହା ଆଇମାଞ୍ଜି । ଏଆଞ୍ଜୁ ମିଡା ବେସ୍ତେଞ୍ଜୁ ଇରୁ ନାଇ ମନତାରା କୱାଡିଗିଆ ଯିଆତାକେ ଆନୁନେଞ୍ଜୁନେ ସାଇାଲରା ବେଞ୍ଜାନା ଆନିକାତା ଇଞ୍ଜି ଗୁଲେ ଲକୁ ନେସେରୁ ଅଟେ ଆନାରି ଆଇନେ ଆପାକାରି ବାସେଏ ଏସ୍ତାବାନି ମାସେକା ବେଏ ତାକା ଯିଆନାମୁ ଇଞ୍ଜି ଟାଡି ବେସେ । ଏଆଞ୍ଜୁ ମାଆ ଏସ୍ତାରି ବୁଡାଲି ଅଡାଙ୍ଗା ଆଙ୍ଗାଇମାନେ ଏଆଡିନି ଆନୁ ଡାଞ୍ଜି ଇଞ୍ଜାନା ବେସ୍ତେଞ୍ଜୁ, ଏଙ୍ଗା ଇଆଡିନି ତୁହାନା ଆନୁ ଅଟେ ଏସ୍ତାଡିନି ଆନୁ ଡାଞ୍ଜି ଇଞ୍ଜାନା ବେସ୍ତେଞ୍ଜୁ ଏଙ୍ଗା ଇଆଡିନି ତୁହାନା ଆନୁ ଅଟେ ଏସ୍ତାଡିନି ବେଏ କଏ । ଇରାବେଞ୍ଜାନା ଗୁଲେ ଲକୁ ତିଃ କଃ ଇଞ୍ଜି ଏ୯ଅଅନି ଇକେ ପ୍ରତଃ ରାଜେନି ମିରେଞ୍ଜୁ ଅଟେ ବେନ୍ଦ୍ୱାଗାଟାଞ୍ଜୁ ଗେନା,



ରାଜପୁତ୍ର ଦିନେ ଚିନ୍ତା କଲା ବୁଢୀଟି ଉତ୍ତମ ରୂପେ ଛେଳି ଜଗୁଛି କି ନାହିଁ; ଏହାର ତଦନ୍ତ କରିବାକୁ ସ୍ଥିର କରି, ସେ ଛେଳି ଗୋଠ ନିକଟକୁ ଗଲା । ପହଁଞ୍ଚିବା ସମୟରେ, ସେହି ଝିଅଟି ମହା ଆନନ୍ଦରେ ଦୋଳି ଖେଳୁଛି । ତା ଦେହ ବହୁତ ଚକ୍ ଚକ୍ ହୋଇ ଦିଶୁଥିଲା । ତାହା ଦେଖି ସେ ଚମକି ପଡିଲା ଏବଂ କାହାକୁ କିଛି ନ କହି ସେଠାରୁ ଫେରି ଘୋଡା ଶାଳକୁ ଯାଇ ନ ଖାଇ ପିଇ ଚିନ୍ତା କରିବାକୁ ଲାଗିଲା । ସଂନ୍ଧ୍ୟା ହେବାରୁ ରାଜା ଏବଂ ରାଣୀ, ପୁତ୍ରଙ୍କର ଅନୁସନ୍ଧାନ କଲେ କିନ୍ତୁ କିଛି ସନ୍ଧାନ ନ ପାଇ ଦୁଃଖରେ ଥିଲାବେଳେ ଘୋଡା ପାଳକ ଘୋଡାନେଇ ଶାଳରେ ପହଁଞ୍ଚି ରାଜପୁତ୍ରଙ୍କୁ ଦେଖି ଆଚମ୍ବିତ ହେଲେ ଏବଂ ସଙ୍ଗେ ସଙ୍ଗେ ଯାଇ ରାଜାଙ୍କୁ କହିଲେ ।

ତାନ୍ଦାରା ପଣନିସାଗିଅଅନା ଏଆଡିନି ଆକା ଡାଞ୍ଜି ଇଞ୍ଜି ବେସ୍ତେଞ୍ଜୁ । ରଆଞ୍ଜେଏ ଆପ ମିଡାଇଞ୍ଜି ଗୁଲେ ତାଇ ଆତେ, ଡାଞ୍ଜି ତାକେ ଡାଞ୍ଜା ମୁଁ ଇଞ୍ଜି ବେସ୍ତେ । ଦେଇଟି ଟମେ ଟମା ବେସାନା ତାଡା ମିରେନିଇ ରାଜେଞ୍ଜୁ ଏ ଅଡାଙ୍ଗା ଗାଉଡି ବୁଡାଲିନି ଡାସ୍ତେଞ୍ଜୁ । ଏରି ନାଡାଙ୍ଗି ତୁଲେଏ ତାନିଇ ନିଙ୍ଗାନାଇ ରୁଡା ସିକାଲି ଅଟେ ମାଣ୍ଡି ମୁତାଙ୍ଗା ଏଙ୍ଗାଜଗା ପିସା ଗ ବାସେଲୁ ମେଅ ନ୍ଦାର ପାଣ୍ଡା କ୍ଷୁହାନାଇ ଅଡେକି ସାଜିସେ ଏଙ୍ଗା ପାଇଟି ମାସାନା ଅଟେ ବେଅକି ଇଜକି ବାଇସେ । ଇରା ନାଡିସି ଆତେକା ଗୁଲେ ଲକୁ ମେହାନାଇ ଆଦାଙ୍ଗି ଆଇ ମାସୁ ସିନା ପୁଞ୍ଜି ସଡାତୁ । ରନିସି ରାହା ସେପ୍ନିନାରି ତୁଲେଏ ନାଡାଙ୍ଗି ନିଙ୍ଗାନାଇ ଏରାପାଇଟି ଗିପିସାରାଡିନି ପର୍ଡେ । ରାଜେନି କୁଡାମାର ମେଅତାରାପାଣ୍ଡା କ୍ଷୁଃହାନାଇ ଅଡେକି ବାତେ ଏଙ୍ଗା ଗୁଲେ ପାଇଟି ମୁସାନା ଇଜକି ସାଜିସା ମେଃତୋ ଏରି ନାଡାଙ୍ଗା ରଣ୍ଡେ ପେନୁଲାଆନି ଡେହେଙ୍ଗି ଅସ୍ୱିମାସେ, ଏରା ମେହାନାଇ ରାହାସେପ୍ନିନ ବୁଡାଲି ଗାମେ ଆଦାୄ୍ଗି ଆତେ ।



ରାଜା ଓ ରାଣୀ ତଥା ଅନ୍ୟାନ୍ୟ ବଂଧୁ ବର୍ଗ ଆସି ସେହି ସ୍ଥାନରେ ପହଁଞ୍ଚି ରାଜକୁମାରଙ୍କର ଅଭିଳାଷ କଥା ପଚାରିଲେ ସେ ସମସ୍ତଙ୍କୁ ପ୍ରତିଜ୍ଞା କରାଇ କହିଲେ ମୁଁ ସେହି ଛେଳି ଜଗୁଆଳିକୁ ବିବାହ କରିବି ନଚେତ୍ ମୃତ୍ୟୁ ବରଣ କରିବି । ଏହା ଶୁଣି ସମସ୍ତେ ଦୁଃଖ ପ୍ରକାଶ କରିଲେ । କିନ୍ତୁ ରାଜପୁତ୍ର ଛାଡିବାର ବ୍ୟକ୍ତି ନୁହେଁ ଏଇୁ, ରାଜ୍ୟରେ ଘୋଷଣା କରି ସେହି ସ୍ତ୍ରୀ ଲୋକଟିକୁ ବିବାହ କରିଲେ । ସେହି ସ୍ତ୍ରୀ ଲୋକଟି ସମସ୍ତଙ୍କ ଅଜ୍ଞାତରେ ମଧ୍ୟ ରାତ୍ରରେ ଉଠି ଘରର ସମସ୍ତ କାର୍ଯ୍ୟ କରିବାପାଇଁ  ବିଲେଇ ଚମଡା ବାହାର କରି କାର୍ଯ୍ୟ ଶେଷ କରି ଶୟନ କକ୍ଷକୁ ଯାଏ । ଏହି ବିଷୟ କେହି ହେଲେ ଜାଣନ୍ତି ନାହିଁ  । ସମସ୍ତେ ଆଶ୍ଚର୍ଯ୍ୟ ହେଲେ ଯେ ଏହି ଭଳି କିଏ କାମ କରୁଛି । ଦିନେ ଜଣେ ଝାଡୁକାରୀ ସ୍ତ୍ରୀ ଅପେକ୍ଷାରେ ରହିଲା ।


ବେଇଟି ରାଜେନିଇ ବେସିଇ ଇଞ୍ଜି ରାଜାନି ଇଡୁତାଙ୍ଗି ସାସେ ରାଜେଞ୍ଜୁ ନାଡିସି ନିଙ୍ଗା ସିଡାଟେ଼ଞ୍ଜୁ, ରାଜାଲି ନିଙ୍ଗାସେ ଏଆଡିନି ଗୁଲେକାତା ବେସ୍ତେ । ରାଜାଲି ତାଡା କୁଡା ମାରନିଇ ଆର୍ସାନାଇ ନେଗାଡାଇ ମେଃପି ମାସାନି ତାଡାମିରେଞ୍ଜୁ ଏତା ତେଞ୍ଜୁ ଏବି ଟାଡେମିଡା ମେହାନାଇ ଗାମେ ଆଦାଙ୍ଗି ଆଦୁ । ଏଙ୍ଗା ଏବି ବେସୁ, ଇନୁ ଆନାଡିକି ଇଆ ବେହେଙ୍ଗି ମାଞ୍ଜି ଏରିବେସ୍ତେ ଅସୁରେଏଞ୍ଜୁ ନାଙ୍ଗେ ତିନବା ତିକି ଦାଃପି ମାଞ୍ଜାନେଞ୍ଜୁ ଏସିବାଷ ଏଙ୍ଗା ଏଆଞ୍ଜୁ ନାଙ୍ଗେ ମେଃତାତାକେ ତିଞ୍ଜାନେଞ୍ଜୁଇଞ୍ଜି ଆଜିବାଗ ଇଆଡେହେଙ୍ଗିମାଇ । ଇଆ ବେଞ୍ଜାନାଇ ରାଜେନିଇ ଗୁଲେକାତା ରାଜଲି ବେସ୍ତେ ଏଙ୍ଗା ଅସୁରେଏନି ଦାହାନାଇ ବେପୋ ସେଲୁ ବେସ୍ତେ । ରାଜେଞ୍ଜୁ ଏ ଅସୁରେଏନି ମୁନ୍ତେଞ୍ଜୁ, ଏସି ଦିନାଡାଇ । ମେଅନିନ୍ଦାର ପାଣ୍ଡା କୁହାନାଇ ରାଜେନି ମିରେନିକେ ଦିନାକାଲା ଜିଆନା ରହିଆତୁ । ଏମ୍ଭେରିଇ ପେନୁଇଟିନେ ଏଆନି ସେଲୁ ଗୁଲେ ପାହେରି ଏହପା ସେଲୁ ମାଞ୍ଜାଦୁଃନେ ।



ରାଜପୁତ୍ରଙ୍କର ପତ୍ନୀ ମଧ୍ୟ ରାତ୍ରରେ ସମସ୍ତ କାର୍ଯ୍ୟ ସମାପ୍ତ କରି ଶୟନ କକ୍ଷକୁ ଯିବାର ସେହି ସ୍ତ୍ରୀ ଲୋକଟି ଦେଖିଲା ଓ ରାଜପୁତ୍ରଙ୍କ ପତ୍ନୀ ଏତେ ଦିବ୍ୟ ସୁନ୍ଦରୀ ହୋଇଚି ଜାଣି ସକାଳେ ରାଜାଙ୍କ ଉଆସରେ ପହଞ୍ଚିଲା । ଏହି କଥା ସବୁ ରାଣୀଙ୍କୁ ସେ କହିଲା । ରାଣୀ ସଂଗେ ସଂଗେ କନ୍ୟାକୁ ଡାକି ପଚାରନ୍ତେ ତାଙ୍କର ପୁତ୍ର ମଧ୍ୟ ସେଠାରେ ଉପସ୍ଥିର ହେଲେ । ରାଜ ପତ୍ନୀ ତାଙ୍କ ବିପଦର ସବୁକଥା କହିଲା । ରାଣୀ ଯାଇ ଅନ୍ତଃପୁରେ ରାଜଙ୍କୁ ସେହି ବିଷୟ କହିଲା ରାଜା ସୈନ୍ୟ ପଠେଇ ସେହି ରାକ୍ଷାସଟିକୁ ବଧକରି ତାଙ୍କ ପୁତ୍ରଙ୍କଠାରୁ ବିଲେଇର ଚମଡା ବାହାର କରାଇଦେଇ ଉତ୍ତମ ରୂପେ ସଂସାର କରି ଚଳିବାକୁ ଆୟୋଜନ କରିଦେଲେ । ଯାହାକୁ ରଖନ୍ତି ଅନନ୍ତ, କେ କରିପାର ବଳବନ୍ତ ।

# ଆଜାନାରି ଜେଡା (ମା'ର ସ୍ନେହ)

**ନେଞ୍ଜୁତିକି ତୀନି ହଜାର ବାସାରି ବେଲେ ଇସ୍ରାଏଲ ଦେଶାତାନି ଶଲମନ ପାଦାତାଞ୍ଜୁ ର ଦେରି ପୁନ୍ୱାଗାଟି ରାଜେଞ୍ଜୁ ମାସେଞ୍ଜୁ । ଏଆଞ୍ଜୁ ଲକୁତାଆ ଡ୍ଡଃାନି କାତାଙ୍ଗା କାତା ପଦେକାଡ଼ାଇ ତୂକି ଗିଆ ଜିପିସେଞ୍ଜୁ । ଏରାଡ଼ିକି ଲକୁ ଏଆନିଇ ଗାମେ ଦଃପି ସେରୁ । ରନିସି ରାଜେଞ୍ଜୁ ସିଂହାସନତା କକ୍ସାନା ତାଡ଼ା ଦିନା ଦେଶାତାରା କାତା ବେଞ୍ଜିସେଞ୍ଜୁ । ଏ ଡେଲିତାନି ରୀଣ୍ଡି ଆଜାସାକା ର କଗେରି ଆପ ମୀଡାଇ ଆହାନା ରାଜେନି ନକିଟି ନିସିବାତୁ । ଆନାଡ଼ିକି ବାଡେରୁ ଇଞ୍ଜି ରାଜେଞ୍ଜୁ ଏବାସାନି ବେସେଞ୍ଜୁ । ବେଲେତାରି ଆଜା ଇସେ, ଅ ରାଜେନିତି, ଆମୁ ଇ ଆଜାଙ୍ଗେ ରିଆମୁ ର ଇଡୁତାନିନେ ଲଃପି ମାନାମୁ । ସାସି ଡାଞ୍ଜୁ ଏରିବେ ଏଙ୍ଗା ଆନୁବେ ଆପ ମୀଡାକାନି ମାରିତାମୁ ।**



ଆଜକୁ ତିନି ହଜାର ବର୍ଷ ପୂର୍ବେ ଇସ୍ରାଏଲ ଦେଶରେ ସଲୋମନ ନାମକ ଜଣେ ଅତି ବୁଦ୍ଧିମାନ ରାଜା ଥିଲେ । ସେ ପ୍ରଜାମାନଙ୍କର ଜଟିଳ ସମସ୍ୟାଗୁଡ଼ିକ ଅତି ସହଜରେ ସମାଧାନ କରିଦେଉଥିଲେ । ତେଣୁ ଲୋକେ ତାଙ୍କୁ ଧନ୍ୟଧନ୍ୟ କହୁଥିଲେ । ଦିନେ ରାଜା ସିଂହାସନରେ ବସିଦେଶର କଥା ବୁଝୁଥିଲେ । ସେହି ସମୟରେ ଦୁଇ ଜଣ ମହିଳା ଗୋଟିଏ ଛୋଟ ପୁତ୍ର ସନ୍ତାନଟିଏ ଧରି ରାଜାଙ୍କ ସମୁଖରେ ଉପସ୍ଥିତ ହେଲେ । ରାଜା ସେମାନଙ୍କୁ ଆସିବାର କାରଣ ପଚାରିଲେ । ପ୍ରଥମ ମହିଳ ଜଣକ କହିଲେ, ମହାରାଜ ଆମେ ଦୁହେଁ ଗୋଟିଏ ଘରେ ବାସ କରୁଛୁ । ଦୁହେଁ ଜାକ ଗତ ମାସ ଗୋଟିଏ ଲେଖାଏଁ ପୁତ୍ର ପ୍ରସବ କଲୁ । ରାତ୍ରରେ ଶୋଇବା ବେଳେ ଏହି ମହିଳା ଜଣକ ତା ପୁଅ ଉପରେ ମାଡ଼ି ଯିବାରୁ ପିଲାଟି ମରିଗଲା । ଆଉ ଏବେ ସେ ମୋ ପୁଅକୁ ମାଗୁଛି । ମୁଁ କେମିତି ଦେବି ଯେ । ରାଜା ଅନ୍ୟ ମହିଳାଙ୍କୁ ପଚାରିଲେ, ତୁମେ କଣ କହିବାକୁ ଚାହଁ ?

ନାଡାଙ୍ଗି ସୁସ୍କିସାନି ଈରି ତାଡ଼ା ମୀଡାତିନି ମାବ୍‌ଗାନେ ଏ ମୀଡା ଏମ୍ବାନେ ସାତେଞ୍ଜୁ । ଇଦେ ଈରି ନାନ୍ଦାରା ମୀଡା ଜାପିମାଞ୍ଜାନେ । ଆନୁ ନାନ୍ଦାରା ମୀଡା ଇଆଡ଼ିଙ୍ଗି ଆନାଡ଼ିକି ସୀଈ ? ରାଜେଞ୍ଜୁ ଅଟେ ର ଆଜାନି ବେସେଞ୍ଜୁ, ନୀନ୍ଦେ ଆନାରି ବେସ୍ନାରି ମାନେ ? ଏରି ଇସେ, ଈରି ଆଡା  ଉଜେନେ ତାଡ଼ା ମୀଡା କୁଇଟି ମାବ୍‌ଗାନେ ମୀଡ଼ା ସାତେଞ୍ଜୁ ଏଙ୍ଗା ନାଇ ସୁସ୍କିସାନି ତାନ୍ଦାରା ସାତି ମୀଢା ନାଇ ସଡ଼ିଟି ତ୍ରେସ୍ୱାନା ନାନ୍ଦାରା ନୀଡ଼େତାରା ମୀଡା ତାଡ଼ା ବଃାତା ତ୍ରେପ୍ତେ । ଆନୁ ଏସେ ଜାତେକାବେ ଈରି ସୀପ୍‌କିସିଡାଜାଏ । ଇନୁ ଜେଡା ନଆନା ନାନ୍ଦାରା ମୀଡା ଜାସାଜିଆମୁ । ରାଜେଞ୍ଜୁ ଈ କାତା ଇସିଙ୍ଗି ଗିଆନା ପ୍‌ଡୁକ୍ନେଞ୍ଜୁ ଏରା ପୁନ୍ୱାସେଲୁ ଏମ୍ବା ମାସାକା ବ୍‌ଡ଼ାଁ ଇଞ୍ଜାନା ରାହି ଆତେରୁ । ରାଜେଞ୍ଜୁ ଇସେଞ୍ଜୁ  ଈରୁ ରିଆଡେରୁ ଡାଣ୍ଡ ଈରି ମୀଡା ନାନ୍ଦେ ଇଞ୍ଜିଞ୍ଜାଦେରୁ ଏରାଡ଼ିକି ମୀଡାତିନି ରୀ କୂଟା ଗିଆନା ରିଆଡେରୁ ର ସରେ ପାହାଜିଆଇ । ବେଅଟିତାରି ଆଜା ରେହାଡ଼ାଇ ଆପାକାରି ଇସେ ।



ଦ୍ୱିତୀୟ ମହିଳାଟି କହିଲା, ଇଏ ସତରେ ତା ପୁଅ ଉପରେ ମାଡ଼ି ଶୋଇବାରୁ ତା ପୁଅଟି ମରିଗଲା ଏବଂ ମୁଁ ଶୋଇ ଥିବା ସମୟରେ ତାର ମଲା ପୁଅକୁ ମୋ ପାଖରେ ରଖିଦେଇ ମୋର ଏଇ ପୁଅକୁ ତା ପାଖରେ ଶୁଆଇଲା । ମୁଁ ଯେତେ ମାଗିଲେ ମଧ୍ୟ ସେ ଦେଉ ନାହିଁ । ଆପଣ ଦୟାକରି ମୋ ପୁଅକୁ ମାଗି ଦିଅନ୍ତୁ ।  ମହାରାଜା ଏହି ଜଟିଳ ସମସ୍ୟାକୁ କିପରି ସମାଧାନ କରିବେ ତାହା ଜାଣିବା ପାଇଁ ସଭାସଦମାନେ ଇତ୍କଣ୍ଠିତ ହୋଇ ଅନାଇ ରହିଲେ । ରାଜା କହିଲେ, ଏ ପିଲାଟିକୁ ତୁମେ ଦୁହେଁଯାକ ଦାବି କରୁଛ ତେଣୁ ପିଲାଟିକୁ ଦୁଇ ଖଣ୍ଡ କରି ଦହେଁ ସମାନ ଭାବରେ ବାଣ୍ଟି ନିଅ । ଦ୍ୱିତୀୟ ମହିଳାଟି ରାଜି ହେଲା । କିନ୍ତୁ ପ୍ରଥମ ମହିଳାଟି ନିଜ ପୁଅକୁ ଛାତିରେ ଜାବୁଡ଼ି ଧରି ଥରୁଥିଲା ।

ଏଆକିବେ ବେଲେତାରି ଆଜା ତାଡ଼ା ମୀଢାତିନି ଡାକିତା ଟାଁନା ପଜାନା ରାହି ଆତେ । ରାଜେଞ୍ଜୁ ର ରାସ୍ୱାଗାଟାନିଇ ଆର୍ପା ଗିବାନେ ଏଆଞ୍ଜୁ କଣ୍ଡା ଆହାନା ଏମ୍ବାଙ୍ଗି ଏତାତେଞ୍ଜୁ । ରାଜେଞ୍ଜୁ ଇହିଙ୍ଗି ବାର୍ଗି ସିତେଞ୍ଜୁ, ଈ ମୀଡାତିନି ରୀ କୂଟା ଗିମୁ ଏଙ୍ଗା ରୀଣ୍ଡାସାଙ୍ଗି ର ସରେ ପାହାଜିମୁ । ରାସ୍ୱାଗାଟାଞ୍ଜୁ ମୀଡାତିନି ଆହାନା କ୍ରାପାତାଙ୍ଗି କଣ୍ଡା ଡେସ୍ୱାନେ ବେଲେତାରି ଆଜା ବ୍ରେ ବ୍ରେନା ଡ଼ିତେ ଏଙ୍ଗା ଡ଼ୀଡ଼ି ରାଜେନିଇ ବେସ୍ତେ, ଅ ରାଜେନିତି ଆପ ମୀଡାଈ ଈରି ବାହେ ଅପାକାରି ଏଆକିବେ ମୀଡାତିନି କ୍ରାପା କୂନା । ଈ ଆଜା ଆଡା ଈ ମୀଡା ଟାଡି ଇଞ୍ଜି ରାଜେଞ୍ଜୁ ପୁସେଞ୍ଜୁ ଆନାଡ଼ିକି ଇସେକା ରଣ୍ଡେ ମାରାନାଜା ଏସେକାବେ ତାଡ଼ା ମୀଡା ନାହିକି ଆନାରା ଦାହେଏ । ରାଜେଞ୍ଜୁ ଈ ଆଜାନି କାଜୁତାନି ମୀଡାତିନି ଆଃପା ଗିତେଞ୍ଜୁ ଏଙ୍ଗା ଗାମେ ଦନବିତ ସିଆନା ତାପେକି ପାଣ୍ଡିତେଞ୍ଜୁ । ଇରା ମେହାନା ଏମ୍ବା ମାସାକା ଗାମେ ଆଦାଙ୍ଗି ଆତେରୁ ।



ରାଜା ଜଣେ ଘାତକକୁ ଆଦେଶ ଦେବାରୁ ସେ ଖଣ୍ଡା ଧରି ସେଠାରେ ଉପସ୍ଥିତ ହେଲା । ରାଜା ଆଦେଶ ଦେଲେ, ଏ ଛୁଆଟିକୁ ଦୁଇ ଖଣ୍ଡ କରି କାଟ ଏବଂ ଏ ଦୁହିଁଙ୍କ ମଧ୍ୟରେ ଭାଗ କରି ଦିଅ । ଘାତକ ଉଦ୍ୟତ ହୁଅନ୍ତେ ପ୍ରଥମ ମହିଳାଟି ଖୁବ ଜୋରରେ ଭୋଭୋ ହୋଇ କାନ୍ଦି ଉଠିଲା ଆଉ କହିଲା, ମହାରାଜ ଏଇ ମହିଳା ପଛେ ମୋ ପୁଅକୁ ନେଇ ଯାଉ, କିନ୍ତୁ ଏହାକୁ ହତ୍ୟା କରନାହିଁ । ପ୍ରଥମ ମହିଳା ଯେ ଏଇ ଛୁଆର ପ୍ରକୃତ ମଆ ସେହି କଥା ରାଜା ବୁଝି ପାରିଲେ । କାରଣ ପ୍ରକୃତ ମାଆ କଦାପି ନିଜ ସନ୍ତାନର ଅନିଷ୍ଟ ଚିନ୍ତା କରି ନ ଥାଏ । ରାଜା ସେହି ପୁଅକୁ ପ୍ରଥମ ମହିଳା ହାତରେ ଧରାଇ ଦେଲେ ଏବଂ ତାକୁ ଅନେକ ଉପହାର ଦେଇ ବିଦାୟ କଲେ । ରାଜାଙ୍କର ଏ ପ୍ରକାର ନ୍ୟାୟ ବିଚାର ବିଚାର ଦେଖି ଲୋକମାନେ ଆଚମ୍ଭିତ ହେଲେ ।

# ଆଜୁ ଏମ୍ବେରିଈ ବାରା ଗିନାସୁ
# (ଆମେ କାହାକୁ ସାହାଯ୍ୟ କରିବା)

ରନିସି ରଆଞ୍ଜୁ ଆବା ର କାବାଡ଼ି ସେଲୁ ସହରତାଙ୍ଗି ସାଜିମାସେଞ୍ଜୁ । ସାଜେସାଜେ ର ଗସା ପାହେରିଆ ହକାଇତଙ୍ଗା ଏଆନିଈ ଆଃତେରୁ । ଏଆରୁ ଏଆନିତାଆ ଗୁଲେ କୁଡ୍ବାନା ଏଆନିଈ ସାବାସରେ ବେତେରୁ ଏଙ୍ଗା ବାବାଡ଼ି ଗିଆନା ସାସେରୁ । ଏ ଆବା ପାହେରି କୁଡୁତା ଦିଆନା ମାସେଞ୍ଜୁ । ଈକେ ଡେଲି ବେଅଟି ଏ ପାହେରିଆ ର ଲାକାଗାଟାଞ୍ଜୁ ଏମ୍ବାଙ୍ଗି ଏତାତେଞ୍ଜୁ । ଏଆଞ୍ଜୁ ନେଡେ ଦିଆସାନାନିଈ ମେଃତେଞ୍ଜୁ ଏଙ୍ଗା ଏଜାନା ତାଡ଼ା ପାହେରି ସାସେଞ୍ଜୁ । ଏସେ ଡେଲି ସାସି ବେଅଟି ର ପାନ୍ବାଗାଟାଞ୍ଜୁ ଏମ୍ବାଙ୍ଗି ଏତେଞ୍ଜୁ ଏଙ୍ଗା ପାହେରି କୁଡୁତା ଦିଆନା ମାସାନିଈ ଏରି ଗିଆନାବେ ମେହାରାଏ ତାଡ଼ା ପାହେରି ସାସେଞ୍ଜୁ ।



ଗାଉଁଲି ଲୋକଟିଏ ସଉଦା କରିବା ପାଇଁ ସହରକୁ ଯାଉଥିଲା । ଯାଉଯାଉ ବାଟରେ ଡକାୟତ ମାନଙ୍କ ହାବୁଡ଼ରେ ପଡ଼ିଲା । ସେମାନେ ତାଙ୍କର ସବୁ କିଛି ଛଡ଼ାଇ ତାଙ୍କୁ ମାଡ ମାରି ଦରମଲା କରି ପକାଇ ଦେଲେ । ଲୋକଟି ବାଟ ପାଖରେ ପଡ଼ି ରହିଲା । କିଛି ସମୟ ପରେ ଜଣେ ପୂଜାରୀ ସେହି ବାଟ ଦେଇ ଗଲେ ଆଉ ସେ ସେହି ଲୋକଟିକୁ ଦେଖି ବାଟର ଆରପାଖ ଦେଇ ଚାଲିଗଲେ । ସେହି ପ୍ରକାରେ ଜଣେ ଧନୀ ଲୋକଟିଏ ମଧ୍ୟ ସେହି ସ୍ଥାନରେ ଆସି ପହଞ୍ଚିଲେ ଏବଂ ତଳେ ପଡ଼ିଥିବା ଲୋକଟିକୁ ଦେଖି ନ ଦେଖିଲା ପରି ଚାଲିଗଲେ । ଆଉ କିଛି ସମୟ ପରେ ଜଣେ ସାଧାରଣ ଲୋକଟିଏ ଯାଉଯାଉ ସେଠାରେ ପହଞ୍ଚିଲେ ।

ପିଲାଙ୍କ କଥା

**ଅଟେ ଈକେ ଡେଲି ସାସି ବେଅଟି ରଆଞ୍ଜୁ ମେକି ଗଡ଼ାତା କକ୍ସାନା ଏମ୍ବାଙ୍ଗି ଏତେଞ୍ଜୁ । ପାହେରି କୁଡୁତା ର ମ୍ଡ଼େହେଞ୍ଜୁ ଦିଆନା ମାସାରା ଏଆଞ୍ଜୁ ମେଃତେଞ୍ଜୁ । ଏମ୍ବା ଏଆନିତାରି ଜେଡା ଗାମେ କାଡ଼ିତାକି ଏଆଞ୍ଜୁ ତାଡ଼ା କକ୍ମାସି ମେକି ଗଡ଼ାଡ଼ାଇ ଜାସେଡାଣ୍ଡେ ଏଆନି ବାଃତାଙ୍ଗି ଦେଗିତେଞ୍ଜୁ । ଏଆନିଈ ନିକ୍ସାନା ଡେରି ଗିଆନା ଆଃତେଞ୍ଜୁ ଏଙ୍ଗା ଗାହାଙ୍ଗାନି ଅସ କାଃପାଜିଆନା ବଣାନାଈ ତଃପାଜିତେଞ୍ଜୁ । ଏଆନିଈ ତାଡ଼ା ଜତ କୁଈଟି କପ୍କା ଗିଆନା ର କବିରାଜ ବାଃତାଙ୍ଗି ଅତେଞ୍ଜୁ । ଏମ୍ବା ଏଆଞ୍ଜୁ ଏଆନିଈ ଲକ୍ତେଞ୍ଜୁ । ତାଡ଼ା ସାସାବାନି ଏଆଞ୍ଜୁ କବିରାଜକି ଡାବୁଙ୍ଗା ଈକନି ସିଆନା ବେସ୍ତେଞ୍ଜୁ, ଆନୁ ସହରତାଙ୍ଗି ସାଜିମାଈ । ଈନୁ ଈଆନିଈ ଲପ୍କିଦଃମୁ ।**



ସେ ବାଟ ପାଖରେ ପଡ଼ିଥିବା ଲୋକଟିର ଗୁରତର ଅବସ୍ଥା ଦେଖି ଦୟାରେ ବିଗଳିତ ହେଲେ । ପାଖକୁ ଯାଇ ତାହାର କ୍ଷତ ସ୍ଥାନ ଗୁଡ଼ିକରେ ଔଷଧ ଲଗାଇ ପଟି ବାନ୍ଧିଦେଲେ ଏବଂ ତାଙ୍କୁ ଆପଣା ବାହନ ଉପରେ ବସାଇ କବିରାଜ ପାଖକୁ ନେଇଗଲେ । ସେଠାରେ ସେ ତାଙ୍କର ସେବା ଶୁଶୃଷା କଲେ । ଗଲାବେଳେ ସେ କବିରାଜକୁ କିଛି ପଇସା ଦେଇ କହିଲେ, ମୁଁ ସହରକୁ ଯାଉଛି, ତୁମେ ଏଇ ଲୋକଟିର ଯତ୍ନ ନିଅ, ଯାହା ଅଧିକ ଖର୍ଚ୍ଚ ହେବ ତାହା ମୁଁ ଫେରିଲା ବେଳେ ଦେବି । ସପ୍ତାହ ପରେ ଲୋକଟି ସହରରୁ ଫେରି କବିରାଜ ପାଖରେ ଯାଇ ପହଞ୍ଚିଲା ।

ସାରକି ବିହିନାଆ ଡାବୁଙ୍ଗା ଆନୁ ତୀଜାନାନୁ ନୀଙ୍ଗେ ସୀଆଇ । ର ଆଟା ବେଅଟି ଏଆଞ୍ଜୁ କବିରାଜ ବାଃତାଙ୍ଗି ବ୍ଡ଼େତେଞ୍ଜୁ । ଏ ସେକା ଏ ମଡ୍ଡ଼େହେଞ୍ଜୁ ନେଗି ଆବା ମୂସାସେଞ୍ଜୁ । ଏଆଞ୍ଜୁ କବିରାଜ କାଜୁତା ସାରକି ବିହାମାସି ଡାବୁଙ୍ଗା ଆଃପା ଗିଆନା ଏ ମ୍ଡ଼େହେନିଈ ତାଡ଼ା ପାହେରିଆ ପାଣ୍ଡିତେଞ୍ଜୁ । କବିରାଜ ଏଆନିଈ ଇସେଞ୍ଜୁ, ଈନୁ ଈସନି ଡାବୁଙ୍ଗା ବିହାଗିଆନା ଏଆନିଈ ଲକ୍ତି । ଏଆଞ୍ଜୁ ନୀ ତଡ଼େଞ୍ଜା ଗିନା ? ଏମ୍ବା ଏଆଞ୍ଜୁ କଗେରି ଗୀରାଡ଼ାଈ କବିରାଜଈ ଇସେଞ୍ଜୁ, ଏଆଞ୍ଜୁ ନାଇ ତଡ଼େଞ୍ଜା ଆଆତାକାବେ ନାଈ ଡେଃଙ୍ଗିତାଞ୍ଜୁନେ ର ମ୍ଡ଼େହେଞ୍ଜୁ । ବିକାଲି ଜୂଗାତା ଦିଆମାନି ଲକୁରିଈ ଆନାବେ ଏଲୁ ଗିଆରାଏ ଆଜୁ ମାଈ ମୂନି ତେସେ ବାରା ଗିବା ଲୂଡ଼ାମାନେ । ଏରା ବେଞ୍ଜାନା କବିରାଜ ପୁଟୁବେ ପାହାତେଞ୍ଜୁ ।




ସେତେବେଳେ ବିପଦଗ୍ରସ୍ତ ଲୋକଟି ପୂରା ଭଲ ହୋଇଯାଇଥିଲା । ଅଧିକ ଖର୍ଚ ହୋଇଥିବା ଟଙ୍କା କବିରାଜ ହାତରେ ଧରାଇ ସେହି ଲୋକଟିକୁ ଆପଣା ବାଟରେ ଯିବାକୁ ବିଦାୟ ଦେଲେ । କବିରାଜ ତାଙ୍କୁ ସନ୍ଦେହ ମନରେ ପଚାରିଲେ, ଆପଣ ଏତେ ଟଙ୍କା ଖର୍ଚ କରି ସେହି ଲୋକଟିକୁ ସାହାଯ୍ୟ କଲେ, ସେ ଆପଣଙ୍କର ବନ୍ଧୁ ହେବେ କି ? ଲୋକଟି ଧିର ସ୍ୱରରେ ତାଙ୍କୁ ଉତ୍ତର ଦେଲେ, ସେ ମୋର ବନ୍ଧୁ ନୁହେଁ ସତ କିନ୍ତୁ ମୋ ପରି ଜଣେ ମଣିଷ । ମଣିଷ ଯିଏବି ହେଉ, ବିପଦରେ ପଡ଼ିଥିବା ମଣିଷକୁ ଯଥା ସମ୍ଭବ ସାହାଯ୍ୟ କରିବା ମଣିଷର ପରମ କର୍ତବ୍ୟ ଅଟେ । ଏହା ଶୁଣି କବିରାଜ ଚୁପ୍ ହୋଇଗଲେ ।

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,

ଓଡ଼ିଶା ସରକାର, ଭୁବନେଶ୍ୱର